# ୮ଟି ଡ୍ରେନ୍ ଦେଇ ତାଳଦଣ୍ଡା କେନାଲରେ ମିଶୁଛି ବର୍ଜ୍ୟଜଳ

କଟକ, ୨୧।୧(ସମିସ):



**● ୩୨ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ କେବେ ?**

**● ଛତ୍ରବଜାରରୁ ନୂଆବଜାର ନିର୍ମାଣହେବ ସମାନ୍ତରାଳ ଡ୍ରେନ**

କଟକ ଓ ଜଗତସିଂହପୁର ଜିଲ୍ଲାର ଜୀବନରେଖା କୁହାଯାଉଥିବା ଐତିହାସିକ ତାଳଦଣ୍ଡା କେନାଲର ପୁନରୁଦ୍ଧାର କାର୍ଯ୍ୟ ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ କେନାଲ ଜଳ ପ୍ରଦୂଷଣମୁକ୍ତ ହୋଇପାରୁନାହିଁ। କଟକ ସହରର ବର୍ଜ୍ୟଜଳ ତାଳଦଣ୍ଡାକୁ ଛଡାଯାଉଥିବା ବେଳେ ହାଇକୋର୍ଟ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ଅତୀତରେ ଉଦବେଗ ପ୍ରକାଶ କରିଥିଲେ। ୮ଟି ଶାଖା ଡ୍ରେନ ଦେଇ ସହରର ବର୍ଜ୍ୟଜଳ ସିଧାସଳଖ ତାଳଦଣ୍ଡା କେନାଲରେ ଯୋବ୍ରା ଠାରୁ ବିଦ୍ୟାଧରପୁର ମଧ୍ୟରେ ୮ଟି ସ୍ଥାନରେ ମିଶୁଛି। କଟକ ମହାନଗର ନିଗମ ପକ୍ଷରୁ ଏହି ବର୍ଜ୍ୟଜଳ ପ୍ରବେଶକୁ ବନ୍ଦ କରିବାକୁ ଏକ ସମାନ୍ତରାଳ ଡ୍ରେନ ପ୍ରକଳ୍ପ ପାଇଁ ବିଗତ ୬ମାସ ତଳୁ ଯୋଜନା ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଏହାକୁ ସବୁଜ ସଂକେତ ମିଳିପାରିନାହିଁ। ତାଳଦଣ୍ଡାକୁ ବର୍ଜ୍ୟଜଳ ପ୍ରବେଶ ରୋକିବା ପାଇଁ ଏକ ନୂତନ ସମାନ୍ତରାଳ ଡ୍ରେନ ତାଳଦଣ୍ଡା କେନାଲ ପାର୍ଶ୍ୱରେ ନିର୍ମାଣ କରାଯାଇ ମୁଖ୍ୟ ନର୍ଦ୍ଦମା ସହ ସଂଯୋଗ କରାଯିବ। ଛତ୍ରବଜାର ଠାରୁ ନୂଆବଜାର ପର୍ଯ୍ୟନ୍ତ ଏହି ଡ୍ରେନ ନିର୍ମାଣ ପାଇଁ କଟକ ମହନାଗର ନିଗମ ପକ୍ଷରୁ ୩୨କୋଟି ଟଙ୍କାର ଡିପିଆର ପ୍ରସ୍ତୁତ କରାଯାଇଥିଲା। ଏହି ଡିପିଆରକୁ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ଗତ ୨୦୨୪ ଅଗଷ୍ଟ ୨୪ରେ ପଠାଯାଇଥିଲା। ତେବେ ଇତିମଧ୍ୟରେ ୫ମାସ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ ଏହି ଡିପିଆରକୁ ମଞ୍ଜୁରୀ ମିଳିପାରିନାହିଁ। ଏପରିକି କଟକ ସହର ସମସ୍ୟା ସମ୍ପର୍କିତ ମାମଲା ଶୁଣାଣି ସମୟରେ ଏହି ଡିପିଆରର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ମଧ୍ୟ ରାଜ୍ୟ ସରକାର ଜବାବ ଦାଖଲ କରିପାରି ନ ଥିଲେ। ଅନ୍ୟପଟରେ ନଗର ଉନ୍ନୟନ ସଚିବ ଏହି ପ୍ରସଂଗରେ ପରବର୍ତ୍ତୀ ଶୁଣାଣି ସମୟରେ ସତ୍ୟପାଠ ଦାଖଲ କରିବେ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶ ମଧ୍ୟ ରହିଛି। ସିଏମସି କମିସନରଙ୍କ କହିବାନୁସାରେ ଏହି ଡିପିଆରକୁ ମଞ୍ଜୁରୀ ମିଳିଲେ ବର୍ଜ୍ୟଜଳ ସମାନ୍ତରାଳ ଡ୍ରେନରେ ଆସି ଏମଏସଡବ୍ଲୁସି (ମେନ ଷ୍ଟର୍ମ ୱାଟର ଚାନେଲ-୧)ରେ ମିଶିପାରିବ। ଅନ୍ୟପଟରେ ତାଳଦଣ୍ଡା କେନାଲରେ ବର୍ଜ୍ୟଜଳ ମିଶୁଥିବାରୁ ଏହାର ଜଳ ବ୍ୟବହାର ଉପଯୋଗୀ ହୋଇପାରୁନି। ସେହିପରି ତାଳଦଣ୍ଡା କେନାଲ ପାର୍ଶ୍ୱରେ ଅବସ୍ଥିତ ଛତ୍ରବଜାରରୁ ବାହାରୁଥିବା ଦୈନନ୍ଦୀନ ଯାବତୀୟ ଆବର୍ଜନାକୁ ବ୍ୟବସାୟୀମାନେ କେନାଲ ପାର୍ଶ୍ୱ ରାସ୍ତା କାଡରେ ଫିଙ୍ଗୁଛନ୍ତି। ଯାହା ଫଳରେ ଏହି ଆବର୍ଜନା ସବୁ କେନାଲ ଭିତରକୁ ପଶୁଛି। କେବଳ ସୂଚନା ଫଳକ ଲଗାଇ ସିଏମସି ନିଜ ଉପରୁ ଦାୟିତ୍ୱ ଖସାଉଥିବା ପରିଲକ୍ଷିତ ହେଉଛି। ତାଳଦଣ୍ଡା କେନାଲ ଜଳକୁ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ଅତୀତରେ ଚେତାଇ ଆସିଛି। ଏପରିକି ବର୍ଜ୍ୟ ଜଳ ମିଶୁଥିବା କାରଣରୁ ଏହି ଜଳର ମାନ ବ୍ୟବହାର ଉପଯୋଗୀ ନ ଥିବା ଏକଦା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ରିପୋର୍ଟ ଦେଇଥିଲା। ଯଦିଓ ତାଳଦଣ୍ଡା କେନାଲ ପୁନରୁଦ୍ଧାର ତଥା ଏହାର ଦୁଇ ପାର୍ଶ୍ୱ ରାସ୍ତା ଓ ଲାଇନିଂ କାମ କରାଯାଉଛି କିନ୍ତୁ ଏହି କେନାଲରେ କେବେ ସ୍ୱଚ୍ଛ ଜଳ ପ୍ରବାହିତ ହେବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର



**● ୧୧୨ ୟୁନିଟ୍ ରକ୍ତ ସଂଗ୍ରହ**

କଟକ/ତ୍ରିଶୂଳିଆ, ୨୧।୧(ସମିସ): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଶ୍ରୀ ଶ୍ରୀ ଆୟୁର୍ବେଦିକ ବିଜ୍ଞାନ ଓ ଗବେଷଣା ଚିକିତ୍ସାଳୟ ପରିସରରେ ଏସସିବିଏମସିଏଚ (ଟ୍ରାନ୍ସଫ୍ୟୁଜନ ମେଡିସିନ୍) ଓ 'ପରିଚାଳନା ଅଧ୍ୟୟନ ବିଭାଗ' ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀମାନଙ୍କ ସାମୂହିକ ଉଦ୍ୟମ ଫଳରେ ଏହି ଶିବିରରୁ ୧୧୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡାକ୍ତର ସ୍ମିତା ମହାପାତ୍ରଙ୍କ ସମେତ କଟକ ଏସସିବିଏମସିଏଚ ଟ୍ରାନ୍ସଫ୍ୟୁଜନ ମେଡିସିନର ସହଯୋଗୀ ପ୍ରାଧ୍ୟାପିକା ଡା. ସୁସ୍ମିତା ବେହେରା ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କଟକ ବିଧାୟକ ସୋଫିଆ ଫିର୍ଦୋସ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏସସିବି ରକ୍ତଭଣ୍ଡାରର ଡାକ୍ତର ନିର୍ମଳା ଦାସ ଓ ଡାକ୍ତର ସମ୍ପ୍ରୀତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ରାମଚନ୍ଦ୍ର ଖଟୁଆ, ଯଶୋବନ୍ତ ସିଂହ, ସୁଲୋଚନା ବେହେରା, ସୁମନ୍ତ ବେହେରା, ନିରଞ୍ଜନ ପଟ୍ଟନାୟକ ଓ ଆଲୋକ ବସନ୍ତରାଙ୍କ ସମେତ ଦକ୍ଷ ଟେକ୍ନିସିଆନ୍ ଟିମ୍ ରକ୍ତ ସଂଗ୍ରହ ପ୍ରକ୍ରିୟା ସମ୍ପାଦନ କରିଥିଲେ। ପ୍ରାଧ୍ୟାପକ ଅନୀଲ କୁମାର ଶର୍ମା (କାର୍ଯ୍ୟନିର୍ବାହୀ ପ୍ରବନ୍ଧକ), ପ୍ରାଧ୍ୟାପକ ବିପ୍ଳବ ବିଶ୍ୱାଳ (ଡିନ୍-ଏଫ୍ଏମ୍ଏସ୍), ପ୍ରାଧ୍ୟାପିକା ଡ. ବିଜୟଲକ୍ଷ୍ମୀ ମହାନ୍ତି (ପ୍ରଫେସର ତଥା ଏଚଆରଡିସି), ପ୍ରାଧ୍ୟାପକ ଜୟପ୍ରକାଶ ଭଞ୍ଜ (ଡିଏସଡବ୍ଲ୍ୟୁ), ଡ. ରବିଶ ମାଥ୍ୟୁ, ସୋନାଲି ଦାସ ଓ ରୂପାଲି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଓ ବିଦ୍ୟାର୍ଥୀଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

### ଅଂଶୁମାନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମାର୍ଥାପୁରକୁ ହରାଇ ସେମିରେ ମେଣ୍ଢାଶାଳ

ତିଗିରିଆ, ୨୧।୧(ସମିସ): ତିଗିରିଆ ବ୍ଲକ ସଦର ମହକୁମା ଅଧୀନ ମୁନଲାଇଟ ପଡ଼ିଆ ଠାରେ ଚାଲିଥିବା ୮ମ ଅଂଶୁମାନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଆୟୋଜିତ ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳର



ମାର୍ଥାପୁର କ୍ରିକେଟ ଟିମକୁ ହରାଇ ଖୋର୍ଦ୍ଧାର ମେଣ୍ଢାଶାଳ କ୍ରିକେଟ ଟିମ୍ ଦ୍ୱିତୀୟ ଦଳ ରୂପେ ସେମି ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ଟସ୍ ଜିଣି ପ୍ରଥମେ ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୨୫ ରନ କରିଥିଲା। ଦଳ ପକ୍ଷରୁ ସ୍ୱାଧୀନ ପାଇକରାୟ ୪୨ ବଲରୁ ୮୪ ରନ ସଂଗ୍ରହ କରି ନଟ୍ ଆଉଟ ରହିଥିଲେ। ଅନ୍ୟପକ୍ଷରେ ୨୨୫ ରନର ପିଛା କରି ମାର୍ଥାପୁର ଦଳ ୧୪ ଓଭରରେ ନିଜର ସମସ୍ତ ୱିକେଟ ହରାଇ ମାତ୍ର ୯୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ମେଣ୍ଢାଶାଳ ଦଳର ସୁକାନ୍ତ ପାତ୍ର ୪ ଓ ସ୍ୱାଧୀନ ପାଇକରାୟ ୨ଟି ୱିକେଟ ହାସଲ କରିଥିଲେ। ନିଜର ଅଲରାଉଣ୍ଡ ଖେଳ ପଦର୍ଶନ ପାଇଁ ସ୍ୱାଧୀନ ପାଇକରାୟଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦିତ୍ ମହାନ୍ତି ଓ ଅମିତ୍ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଆଜିର ଖେଳରେ କିଶନ ପଟ୍ଟନାୟକ ଧାରାବିବରଣୀ ପ୍ରଦାନ କରିଥିଲେ।

## ସରକାରୀ ଅନୁଦାନ ପାଇଁ ଅଧ୍ୟାପକଙ୍କ ଦସ୍ତଖତ ଅଭିଯାନ

ବଡମ୍ବା, ୨୧।୧(ସମିସ): ଓଡ଼ିଶା ରାଜ୍ୟ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ସରକାରୀଅନୁଦାନଦାବିରେଦସ୍ତଖତସଂଗ୍ରହଅଭିଯାନଆରମ୍ଭହୋଇଛି।୨୦୦୮ରୁ ୨୦୧୮ ମସିହା ମଧ୍ୟରେ କଲେଜ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ ଦାବିରେ ରାଜ୍ୟ ସଂଘ ତରଫରୁ ବଡମ୍ବା




ବ୍ଲକ ଅଧୀନ ମୋହନ ସୁବୁଦ୍ଧି ମହାବିଦ୍ୟାଳୟରୁ ଏହି ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ସ୍ୱଳ୍ପ ଦରମାରେ ଏହି ଅଧ୍ୟାପକ ତଥା କର୍ମଚାରୀମାନେ ଅଧ୍ୟାପନା, ଖାତା ମୂଲ୍ୟାଙ୍କନ, ନିର୍ବାଚନୀ କାର୍ଯ୍ୟକୁ ଅତି ସୁଚାରୁରୂପେ ସମ୍ପାଦନ କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନଙ୍କ ପକ୍ଷରୁ ସାଧାରଣ ନାଗରିକ ତଥା ବୁଦ୍ଧିଜୀବିମାନଙ୍କ ଠାରୁ ଦସ୍ତଖତ ସଂଗ୍ରହ କରାଯିବା ସହିତ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ସଂଘ ପକ୍ଷରୁ ଅଧ୍ୟାପକ ତଥା କର୍ମଚାରୀଙ୍କ ଦାବି ପୂରଣ ପାଇଁ ନିବେଦନ କରାଯାଇଛି।

## ସ୍କୁଲର ବାର୍ଷିକ ପୁରସ୍କାର ବିତରଣ



ନିଶ୍ଚିନ୍ତକୋଇଲି, ୨୧।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ସୁକରପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ମହମ୍ମଦ ଅଲ୍ଲିମ ଖାଁଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ମନୋଜ କୁମାର ମଲ୍ଲିକ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଶିକ୍ଷକ ଜଗବନ୍ଧୁ ବେହେରା, ସମିତିସଭ୍ୟା ଅନ୍ନପୂର୍ଣ୍ଣା ମଲିକ, ସିଆରସିସି ମହାମେଘବାହନ ସ୍ୱାଇଁ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୌଭାଗ୍ୟ ବରାଳ, ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ କଲାମୁଦ୍ଦିନ୍ ଖାଁ, ସମାଜସେବୀ ସୁବାଷ ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ସଭାପତି ମହେନ୍ଦ୍ର ବେହେରା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସାଇନା ପ୍ରିୟଦର୍ଶିନୀ ମଲିକ, ଶୁଭମ୍ ସାଇ ମଲିକ, ଭୋଲା ମଲିକ, ଲକ୍ଷ୍ମୀପ୍ରୀୟା ଦାସ, ସେକ ସଦାମୁଦ୍ଦିନ୍, ସ୍ମୃତି ଭୋଇଙ୍କୁ ଚମ୍ପିୟନ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଭାତ ଦାସ, ସୁଶାନ୍ତ ମାଝୀ, ଅନୁରିତା ଶତପଥୀ, ସଞ୍ଜିତା ଖାନମ, ତନ୍ମୟୀ ସେଠୀ, ଲକ୍ଷ୍ମୀପ୍ରିୟା ଭୋଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମା'ଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ



କଟକ, ୨୧।୧(ସମିସ): କଟକ ମହାନଗର ନିଗମ ୫୮ ନମ୍ବର ୱାର୍ଡ ଅନ୍ତର୍ଗତ ଭାଣପୁର ମଝିସାହି କୁଆଖାଇ ନଦୀକୂଳ ଠାରେ ମା'ତାରିଣୀଙ୍କ ନୂତନ ମନ୍ଦିର ନିର୍ମାଣ କରାଯାଇଛି। ଗ୍ରାମବାସୀ କେଉଁଝର ଜିଲ୍ଲା ଘଟଗାଁ ମା'ତାରିଣୀଙ୍କ ପୀଠରେ ରୀତିନୀତି ଅନୁଯାୟୀ ପୂଜାପାଠ କରି ସାରିବା ପରେ ଆଜି ଆଜ୍ଞାମାଳ ଆସି ଭାଣପୁର ସ୍ଥିତ ମନ୍ଦିରରେ ରଖାଯାଇଛି। ଆଜି ପୂର୍ବାହ୍ନରେ ଆଜ୍ଞାମାଳ ପହଞ୍ଚିବା କ୍ଷଣି ଗ୍ରାମବାସୀ ଘଣ୍ଟ, ଖୋଳ, ବାଜାବଜାଇ ୧୬ ନମ୍ବର ଜାତୀୟ ରାଜପଥ ଠାରୁ ଏକ ବିରାଟ ପଟୁଆରରେ ମନ୍ଦିର ନିକଟକୁ ନିଆଯାଇଥିଲା। ଏହି ସମୟରେ ଗ୍ରାମର ମହିଳାମାନେ ସମ୍ପୂର୍ଣ୍ଣ ଗ୍ରାମ ରାସ୍ତାରେ ନୂଆଲୁଗା ବିଛାଇ ଧୂପଦୀପଦେଇ ପୂଜାର୍ଚ୍ଚନା କରିଥିଲେ। ସମସ୍ତ ପୂଜା ପାଠ ଓ କର୍ମକାଣ୍ଡ ସରିବା ପରେ ମା'ଙ୍କ ନୂତନ ବିଗ୍ରହ ସ୍ଥାପନ କରାଯିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ପ୍ରତ୍ୟକ ଦିନ ସନ୍ଧ୍ୟାରେ ମା'ଙ୍କ ପୀଠରେ ଭଜନ କୀର୍ତ୍ତନ ସାଙ୍ଗକୁ ଅନ୍ନପ୍ରସାଦର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ପ୍ରଧାନଶିକ୍ଷକଙ୍କ ମାସିକ ସମୀକ୍ଷା ବୈଠକ

ନିଶ୍ଚିନ୍ତକୋଇଲି, ୨୧।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକସ୍ତରୀୟ ତ୍ରୟୋଦଶତମ ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ ସରପଡ଼ା ପଞ୍ଚାୟତ ସ୍ଥିତ ଖଣ୍ଡସାହି ଜଗନ୍ନାଥ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଛି।



ପ୍ରଧାନଶିକ୍ଷକ ସ୍ମୃତିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦେଇ ପ୍ରଥମେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏହାପରେ ଉଚ୍ଚ ବିଦ୍ୟାଳୟରେ ରହିଥିବା ସମସ୍ୟା ସଂକ୍ରାନ୍ତରେ ପ୍ରଧାନଶିକ୍ଷକଙ୍କୁ ପଚାରି ଏହାର ସମାଧାନ ପାଇଁ ସମୀକ୍ଷା କରିଥିଲେ। ଏଥିରେ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ବୈଠକରେ ବ୍ଲକର ୪୭ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଯୋଗଦେଇଥିଲା ବେଳେ ପ୍ରଧାନଶିକ୍ଷକ କିରଣବାଳା ଦାସ, ସୁପ୍ରଭା ସେନାପତି, ରଘୁନାଥ ସାହୁ, ଧନଞ୍ଜୟ ବରାଳ, ନିମାଇଁଚରଣ ସାହୁ ପ୍ରମୁଖ ବୈଠକରେ ବିଭିନ୍ନ ମତାମତ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କାର୍ଯ୍ୟାଳୟ ସହକାରୀ ଅରବିନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## କୃଷିଭିତ୍ତିକ ସାମଗ୍ରୀ ବିତରଣ



କିଶନନଗର, ୨୧।୧(ସମିସ): କଟକ ସଦର ବ୍ଲକ ଅନ୍ତର୍ଗତ ବାରଦା ପଞ୍ଚାୟତରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଜି କୃଷକଙ୍କୁ ମାଗଣାରେ ଧାନର ପରବର୍ତ୍ତୀ ଫସଲର ଚାଷ ପାଇଁ ବିରି, ମୁଗ ଓ ଅନ୍ୟାନ୍ୟ କୃଷିଭିତ୍ତିକ ସାମଗ୍ରୀ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସଦର ବ୍ଲକର ୨୩ଟି ପଞ୍ଚାୟତରେ ବିତରଣ କରିବାର ବ୍ୟବସ୍ଥା ଥିବା ବେଳେ ଆଜି ବାରଦା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଥମେ ବିତରଣର ଶୁଭ ଉଦଘାଟନ କରାଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଚରଣ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ୫ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଲୀ, ଆମ୍ବା ସଭାପତି ରମାପଦ ବିଶ୍ୱାଳ, ସରପଞ୍ଚ ନିରଜା ନଳିନୀ ଦାସ, ପୂର୍ବତନ ସରପଞ୍ଚ ବିରଞ୍ଚି ନାରାୟଣ ପଣ୍ଡା, କୃଷି ଅଧିକାରିଣୀ ଜଫାନା ରାୟ, ମୋନାଲିସା ବେହେରା, ରଜନୀକାନ୍ତ ରଥ, ଦୀପକ ମଣ୍ଡଳ, କନ୍ଦରପୁର ମଣ୍ଡଳ ସଭାପତି ନିରଞ୍ଜନ ରାଉଳଙ୍କ ସମେତ ପ୍ରମୁଖଙ୍କ ଉପସ୍ଥିତିରେ ଚାଷୀଙ୍କୁ ବିହନ ବଣ୍ଟନ କରାଯାଇଥିଲା।

## କ୍ରାନ୍ତି ଟ୍ରଫି -୨୦୨୫; ବିବିସି ହୋଣ୍ଡା କୁଆଁପାଳ ଚାମ୍ପିଅନ



ମାହାଙ୍ଗା, ୨୧।୧(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତସ୍ଥିତ କ୍ରାନ୍ତି କ୍ଲବ ପଡ଼ିଆରେ ସ୍ୱର୍ଗତ ଅଧ୍ୟାପକ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅଷ୍ଟମ କ୍ରାନ୍ତି ଟ୍ରଫି ୨୦୨୫ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଟି ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ରିଲିୟାନ୍ସ କ୍ରିକେଟ ଟିମ ଗୁଣ୍ଡୁପୁର ଓ ବିବିସି ହୋଣ୍ଡା କୁଆଁପାଳ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବିବିସି ହୋଣ୍ଡା କୁଆଁପାଳ କ୍ରିକେଟ ଟିମ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅଶୋକ କୁମାର ରାଉତଙ୍କ ସଂଯୋଜନା ଓ ଗିରିଶ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା, ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ଶ୍ରମିକ ନେତା ଅମର କୁମାର ନାୟକ, ସରପଞ୍ଚ ରାଜକିଶୋର ବଳ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ତ୍ରିନାଥ ଜେନା, ସମାଜସେବୀ ସୁବାଷ ଜେନା, ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସମସ୍ତ ଅତିଥିମାନେ ସ୍ୱର୍ଗତ ବିଶ୍ୱାଳଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶ୍ୱରଞ୍ଜନ ସାହୁ ଓ ସ୍ୱାଭିମାନ ବିଶ୍ୱାଳ ଖେଳ ପରିଚାଳନା କରିଥିବାବେଳେ ଶେଖ ଆସିଫ ଅଲ୍ଲୀ ଓ ଇମତିୟାଜ କମେଣ୍ଟେଟର ଦାୟିତ୍ୱ ତୁଲାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ସଭାପତି ସ୍ନେହାଶିଷ ବିଶ୍ୱାଳ, ଦେବାଶିଷ ବିଶ୍ୱାଳ, ଦୀନବନ୍ଧୁ ଦାସ, ମଣିଶଙ୍କର ସାମଲ, ବିଶ୍ୱଜିତ ପଣ୍ଡା, ଦୀପକ ମହାନ୍ତି, ଜ୍ୟୋତିରଞ୍ଜନ ପଣ୍ଡା, ଆକାଶ ମହାନ୍ତି, ଶିବନାରାୟଣ ବିଶ୍ୱାଳ, ନିରାକାର ସାମଲ, ରିଙ୍କୁ ବାରିକ, ସ୍ୱାଧୀନ ଦାସ, ଭରତ ଭୂଷଣ ସାହୁ, ପୁର୍ଣ୍ଣେନ୍ଦୁ ଭୂୟାଁ, ଶଲ୍ୟରଞ୍ଜନ ପ୍ରଧାନ, ଶୁଭେନ୍ଦୁ ଭୂୟାଁ, ମନୀଷ ସେଠୀ, ସଞ୍ଜୀବ ବିଶ୍ୱାଳ, ଜଗଦୀଶ ନାୟକ, ଜଗଦୀଶ ପଣ୍ଡାଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## କେନ୍ଦୁପାଟଣାରେ ଧାନ ମଣ୍ଡି ଖୋଲିଲା



ନିଶ୍ଚିନ୍ତକୋଇଲି, ୨୧।୧(ସମିସ):

କେନ୍ଦୁପାଟଣା କୃଷି ସେବା ସମବାୟ ସମିତି ଆନୁକୂଲ୍ୟରେ ଧାନ ମଣ୍ଡି ଖୋଲାଯାଇ ପ୍ରଥମ ଦିନରେ ୧୦ ଜଣ ଚାଷୀଙ୍କ ଠାରୁ ୫୨୭ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସମିତିର ସମ୍ପାଦକ ମନୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ସଭାପତି ଶାରଦାପ୍ରସାଦ ନାୟକ ମଣ୍ଡିକୁ ଉଦଘାଟନ କରିଥିଲେ। ଉଦଘାଟନ ଉତ୍ସବରେ ସରପଞ୍ଚ ପ୍ରଗତିପ୍ରଭା ମହାନ୍ତି, ସମିତିସଭ୍ୟ ଭାରତୀ ରାଉତ, ସରପଞ୍ଚ ଗୋପବନ୍ଧୁ ସେଠୀ, ନୋଡ଼ାଲ ଅଫିସର ବିଶ୍ୱରଞ୍ଜନ ରାଉତରାୟ, ଧାନ କ୍ରୟ କମିଟି ସଭ୍ୟ ଯତିନ୍ଦ୍ରନାଥ ଜେନା, ସନ୍ତୋଷ କୁମାର ଭୂୟାଁ, ଗିରିଶଚନ୍ଦ୍ର ସାହୁ, ରବିନାରାୟଣ ମହାପାତ୍ର, ରଞ୍ଜନ କୁମାର ରାଉତଙ୍କ ସମେତ ସମିତିର ସଭ୍ୟମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ କେନ୍ଦୁପାଟଣା, କୋଲଣପୁର, ବରାଦୋ ଓ ବୁହାଲୋ ପଞ୍ଚାୟତର ମୋଟ୍ ୪୬୩ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜିକୃତ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୬୫୦୦ କ୍ୱିଣ୍ଟାଲ ଧାନ କିଣିବା ପାଇଁ ସରକାରୀ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଛି।

ଶ୍ରଦ୍ଧାଞ୍ଜଳି



୬ ଡାକ୍ତର ବିଜୟ କୁମାର ସାହୁ
ବୟାଳିଶବାଟି, ଗୋପ, ପୁରୀ
ଆବିର୍ଭାବ - ତା ୫.୦୨.୧୯୫୬ / ତିରୋଧାନ - ତା ୧୩.୦୧.୨୦୨୫

ହେ ପୁଣ୍ୟାତ୍ମା,
ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ। ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରେକେ ଅନ୍ୟ ଉପାୟ ନାହିଁ। ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ଶୋକସନ୍ତପ୍ତ ପରିବାର

# ୮୫ତମ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

**ଭୁବନେଶ୍ୱର,୨୧।୧(ସମିସ):** ଭାରତରେ ଏକ ସମୃଦ୍ଧ ଐତିହାସିକ ଗଣତାନ୍ତ୍ରିକ ପରମ୍ପରା ଓ ମୂଲ୍ୟବୋଧ ରହିଛି । ସମାନତା, ସ୍ୱାଧୀନତା, ନ୍ୟାୟ, ସହାବସ୍ଥାନ, ଭ୍ରାତୃତ୍ୱଭାବ ଆମ ସମ୍ବିଧାନର ମୂଳ ଲକ୍ଷ୍ୟ ଓ ଆଭିମୁଖ୍ୟ ହୋଇଥିବାବେଳେ ଦୀର୍ଘ ୭୫ ବର୍ଷ ମଧ୍ୟରେ ଆମେ ଏହା ବଜାୟ ରଖିବାରେ ସହାୟକ ହୋଇପାରିଛୁ ବୋଲି ବିଧାନସଭା ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । ପାଟନାଠାରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୮୫ତମ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଯୋଗଦେଇ ସଂସଦୀୟ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ । ଆଲୋଚନାରେ ନିଜର ମତ ରଖି ଶ୍ରୀମତୀ ପାଢ଼ୀ କହିଥିଲେ, ସାମ୍ବିଧାନିକ ମୂଲ୍ୟବୋଧ, ଆଦର୍ଶ ଓ ଗରିମା ବଜାୟ ରଖିବା ଦିଗରେ ଆମେ ସମସ୍ତେ ଏକ ମନ ଓ ପ୍ରାଣ ହୋଇ ଆଗେଇ ଆସିବା ଉଚିତ । ଆମ ରାଜ୍ୟ ନିଜର ଭିଜନ୍ -୨୦୩୬ ଲକ୍ଷ୍ୟକୁ ସାକାର କରି ବିକଶିତ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରିବା ସହ ୨୦୪୭ ମସିହା ସୁଦ୍ଧା ଅମୃତକାଳ ମଧ୍ୟରେ ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଭାଗୀଦାରି ହେବାର ସମସ୍ତ ପ୍ରୟାସ କରୁଛି ବୋଲି ସେ କହିଥିଲେ । ଆଲୋଚନାରେ ଉପବାଚସ୍ପତି ଭବାନୀଶଙ୍କର ଭୋଇ ଅଂଶଗ୍ରହଣ କରି ନିଜସ୍ୱ ମତ ଉପସ୍ଥାପନ କରିଥିଲେ ।

# ଅବଶିଷ୍ଟାଂଶ...

## ପ୍ରଥମ ଦିନରୁ...

ଟ୍ରମ୍ପ ଦ୍ୱିତୀୟଥର ପାଇଁ କ୍ଷମତା ଦଖଲ କରିବାକୁ ନେଇ ଯେଉଁ କେତେକ ଦେଶର ଲୋକମାନେ ଖୁସି ମନାଉଥିଲେ ସେମାନଙ୍କ ମଧ୍ୟରୁ ଭାରତୀୟମାନେ ସବୁଠୁ ଆଗରେ ଥିଲେ । ଟ୍ରମ୍ପଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଏବଂ ଟ୍ରମ୍ପ ପ୍ରଶାସନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଭାରତୀୟ ବଂଶୋଦ୍ଭବଙ୍କୁ ସୁଯୋଗ ଦିଆଯିବା ଘଟଣା ଭାରତୀୟମାନଙ୍କୁ ଖୁସି କରିଥିଲା । କିନ୍ତୁ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଯେଉଁଭଳି ଆଭିମୁଖ୍ୟ ଗ୍ରହଣ କରିଛନ୍ତି, ତାହା ଭାରତ ପାଇଁ ଅନେକ କ୍ଷେତ୍ରରେ ପ୍ରତିକୂଳ ସ୍ଥିତି ସୃଷ୍ଟି କରିବାର ଆଶଙ୍କା ବଢ଼ାଇଛି । ବ୍ରିକ୍ସ ରାଷ୍ଟ୍ରମାନଙ୍କ ବିରୋଧରେ ଶତପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଟ୍ରମ୍ପ ନିଷ୍ପତ୍ତି ନେଇଥିବାରୁ ଭାରତ ବ୍ରିକ୍ସର ଅନ୍ୟତମ ସଦସ୍ୟ ରାଷ୍ଟ୍ର ଭାବେ ଭୀଷଣ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି ।

ସେହିପରି ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀ ଲୋକଙ୍କୁ ବିଦା କରିବାକୁ ଟ୍ରମ୍ପ ପ୍ରଶାସନ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ମଧ୍ୟ ଭାରତୀୟମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ଆମେରିକାର ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଆମେରିକାରେ ଯେଉଁମାନେ ଜନ୍ମଗ୍ରହଣ କରିଥିବେ ସେମାନଙ୍କୁ ଆପେଆପେ ଆମେରିକାର ନାଗରିକତ୍ୱ ମିଳିଯିବ । କିନ୍ତୁ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିଛନ୍ତି ଟ୍ରମ୍ପ । ଫଳରେ ଆମେରିକାରେ ବେଆଇନ ଭାବେ ରହୁଥିବା ଭାରତୀୟ ବିଦା ହେବେ । କେବଳ ଏତିକି ନୁହେଁ ଆମେରିକା ମାଟିରେ ସେମାନଙ୍କ ଠାରୁ ଜନ୍ମ ନେଇଥିବା ପିଲାମାନଙ୍କୁ ମଧ୍ୟ ବିତାଡ଼ିତ କରାଯିବ । ଏହାଦ୍ୱାରା ଲକ୍ଷାଧିକ ଭାରତୀୟ ବିଦା ହେବା ନିଶ୍ଚିତ । ଆମେରିକାରେ ଏବେ ୫୦ ଲକ୍ଷ ଭାରତୀୟ ଆମେରିକୀୟ ବସବାସ କରୁଛନ୍ତି । ସେମାନଙ୍କ ମଧ୍ୟରୁ ୩୪ ଭାଗ ଆମେରିକାର ନାଗରିକତ୍ୱ ପାଇ ସାରିଛନ୍ତି । ଅବଶିଷ୍ଟ ୬୦ ଭାଗ ଭାରତୀୟ ହେଉଛନ୍ତି ଶରଣାର୍ଥୀ । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସ୍ୱୀକୃତି ମିଳିନାହିଁ ଏବଂ ଆବେଦନ କରି ସେମାନେ ସ୍ୱୀକୃତି ଅପେକ୍ଷାରେ ଅଛନ୍ତି । ଅଧିକାଂଶ ଭାରତୀୟ ଏଚ୍-୧ ଭିସା ନେଇ ଆମେରିକାରେ କାମ କରୁଛନ୍ତି । କିନ୍ତୁ ଆମେରିକାରେ ଜନ୍ମ ହୋଇଥିବା ସେମାନଙ୍କର ପିଲାମାନଙ୍କୁ ନାଗରିକତ୍ୱ ମିଳିବ ନାହିଁ ।

ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ପ୍ରାୟ ୧୮ ହଜାର ଭାରତୀୟଙ୍କୁ ଉଭୟ ଦେଶ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଚିହ୍ନଟ କରାଯାଇଥିଲା ବେଳେ ଏବେ ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ଭାରତ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ବର୍ତ୍ତମାନ ଆମେରିକାରେ ବେଆଇନ ଭାବେ କେତେ ସଂଖ୍ୟାରେ ଭାରତୀୟମାନେ ବସବାସ କରୁଛନ୍ତି ତାହା ସ୍ୱଷ୍ଟ ହୋଇ ନାହିଁ । ଆଉ ଏକ ଉଲ୍ଲେଖନୀୟ କଥା ହେଲା ଯେ ଟ୍ରମ୍ପଙ୍କ ଏଭଳି ନିର୍ଦ୍ଦେଶ ପରେ ଜନ୍ମ ପର୍ଯ୍ୟଟନ ବା ବାର୍ଥ ଟୁରିଜିମ୍ ର ଅବସାନ ଘଟିବ । ଆମେରିକା ମାଟିରେ ଜନ୍ମ ହେଉଥିବା ପିଲାମାନଙ୍କୁ ଆପେଆପେ ନାଗରିକତ୍ୱ ମିଳୁଥିବାରୁ ଭାରତ ସମେତ ଅନେକ ବିଦେଶୀ ଲୋକ ଆମେରିକା ଯାଇ ସେଠାରେ ପିଲା ଜନ୍ମ କରୁଥିଲେ ।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ, ଆମେରିକାର ୧୮ଟି ରାଜ୍ୟ ଟ୍ରମ୍ପଙ୍କ ଏହି ନୂଆ ନିଷ୍ପତ୍ତିକୁ ବିରୋଧ କରିଛନ୍ତି । ଜନ୍ମାଧିକାର ନାଗରିକତା ଆଇନ ରଦ୍ଦ କରିବା ଲାଗି ଟ୍ରମ୍ପଙ୍କ ନିଷ୍ପତ୍ତି ଉପରେ ରୋକ୍ ଲଗାଇବା ପାଇଁ ସେମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଟ୍ରମ୍ପ୍ ବ୍ରିକ୍ସ ଦେଶମାନଙ୍କୁ ନାଲିଆଖି ଦେଖାଇଛନ୍ତି । ଯଦି ବ୍ରିକ୍ସ ଦେଶଗୁଡିକ ବାଣିଜ୍ୟ କାରବାର ପାଇଁ ଭିନ୍ନ ମୁଦ୍ରା ଆଣିବେ ତେବେ ସେମାନେ ପରିଣାମ ଭୋଗିବେ ବୋଲି ସେ ଧମକ ଦେଇଛନ୍ତି । ଆମେରିକା ସେମାନଙ୍କ ଉପରେ ଶତ ପ୍ରତିଶତ ଶୁଳ୍କ ଲାଗୁ କରିବ । ଏମିତିକି ଭିନ୍ନ ମୁଦ୍ରା ଆଣିବା ସମ୍ପର୍କରେ ଯଦି ବ୍ରିକ୍ସ ରାଷ୍ଟ୍ର ଚିନ୍ତା ବି କରନ୍ତି, ତେବେ ସେମାନଙ୍କ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଯିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି । ଟ୍ରମ୍ପଙ୍କ ଧମକ ପରେ ଭାରତ ଏହି ପ୍ରସଙ୍ଗରେ ବେଶ ସତର୍କତା ଅବଲମ୍ବନ କରୁଛି । ଭାରତର କହିବା ହେଉଛି ଯେ ବ୍ରିକ୍ସ ମୁଦ୍ରା ଆପଣାଇଲେ ଦେଶର ଆର୍ଥିକ ସ୍ଥିତି ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡିପାରେ ।

## ୧୬ ମାଓବାଦୀ...

ଖୋଜି ଏନକାଉଣ୍ଟର କରୁଥିବା ଜଣାପଡ଼ିଛି । କିଛି ଦିନ ତଳେ ବସ୍ତରରେ ପୁଲିସ ଏବଂ ନକ୍ସଲମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ବେଳେ ସେହି ଅଞ୍ଚଳରେ ରହିଥିବା ନକ୍ସଲମାନେ ଅନ୍ୟତ୍ର ଚାଲି ଆସି ଏକ ସୁରକ୍ଷିତ ସ୍ଥାନରେ ଆତ୍ମଗୋପନ ପାଇଁ ଯୋଜନା କରିଥିଲେ । ସେହି ଅନୁସାରେ ଟପ୍ ନକ୍ସଲ କମାଣ୍ଡର ଜୟରାମ ଓରଫ ଛଲପତିଙ୍କ ନେତୃତ୍ୱରେ ଛତିଶଗଡ଼ର ଗରିଆବନ୍ଦ ଅଞ୍ଚଳରେ ବହୁ ସଂଖ୍ୟାରେ ନକ୍ସଲମାନେ ଏକତ୍ରିତ ହୋଇଥିଲେ । ଓଡ଼ିଶାର ନୂଆପଡ଼ା ଜିଲ୍ଲାକୁ ଲାଗି ରହିଥିବା ଛତିଶଗଡ଼ର ଏହି ଅଞ୍ଚଳରେ ବହୁ ସଂଖ୍ୟାରେ ନକ୍ସଲଙ୍କ ଆଗମନ ହୋଇଥିବା ସୂଚନା ମିଳିବା ପରେ ଦୁଇ ରାଜ୍ୟ ପୁଲିସ ପକ୍ଷରୁ ମିଳିତ ଅଭିଯାନ କରାଯାଇଥିଲା । ତେବେ ଏହି ଅଭିଯାନରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ରେ ପ୍ରଭାବ ବିସ୍ତାର କରିଥିବା ଶୀର୍ଷ କମାଣ୍ଡର ଜୟରାମ ନିହତ ହେବା ଘଟଣା ସୁରକ୍ଷାକର୍ମୀଙ୍କ ପାଇଁ ବଡ଼ ସଫଳତା ଆଣି ଦେଇଛି । ଆଜିର ଏହି ସଫଳତା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ନିଜର ପ୍ରତିକ୍ରିୟା ରଖିବା ସହିତ ଦେଶରେ ନକ୍ସଲବାଦର ସମୟ ଶେଷ ହେବାକୁ ଯାଉଛି ବୋଲି କହିଛନ୍ତି ।

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅପରେସନରେ ଭାଗ ନେଇଥିବା ଓଡ଼ିଶା ପୁଲିସର ଯବାନମାନଙ୍କୁ ପ୍ରଶଂସା କରିଛନ୍ତି । ସଫଳତା ପାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କୁ ମିଳୁଥିବା ସ୍ୱତନ୍ତ୍ର ଭତ୍ତା (ରିସ୍କ୍ ଆଲାଉନ୍ସ) ୮ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରିବା ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ସୋମବାର ନକ୍ସଲ ଦମନ ଅଭିଯାନରେ ଦୁର୍ଦ୍ଦାନ୍ତ ନକ୍ସଲ କମାଣ୍ଡର ଛଲପତିର ମୃତ୍ୟୁ ଘଟଣା ନକ୍ସଲ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା ବେଳେ ସୁରକ୍ଷାବଳର ମନୋବଳକୁ ଆହୁରି ସୁଦୃଢ଼ କରିଛି । ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିବା ଜୟରାମ ଓରଫ ଛଲପତି ବିଗତ ୨୭ ବର୍ଷ ଧରି ନକ୍ସଲ କାର୍ଯ୍ୟକଳାପରେ ଲିପ୍ତ ରହିଥିଲା ବେଳେ ଆନ୍ଧ୍ର ଏବଂ ଓଡ଼ିଶା ସୀମାରେ ଅନେକ ଦିନ ରହି ସକ୍ରିୟ ରହିଥିଲା । ବିଗତ କିଛି ମାସ ହେଲା ସେ ସିପିଆଇ(ଏମ) କେନ୍ଦ୍ରୀୟ କମିଟିର ସଦସ୍ୟ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ପ୍ରମୁଖ ଭୂମିକା ନିଭାଇ ଆସୁଥିଲା ।

## ବିଜେପିରେ ଅଛୁଆଁ...

ଗଠନ କରିଥିଲା । ନିର୍ବାଚନରେ ଅନ୍ୟ ଦଳରୁ ଆସିଥିବା ପ୍ରଶାନ୍ତ ଜଗଦେବ, ସୀମାରାଣି ନାଏକ, ସୁକାନ୍ତ ଖଟୁଆ, ଆକାଶ ଦାସ ନାୟକ, ଅମରେନ୍ଦ୍ର ଦାସ, ସିଦ୍ଧାନ୍ତ ମହାପାତ୍ର, ରଘୁରାମ ମାଛଙ୍କ ପରି ଟାଣୁଆ ନେତା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ମନ୍ତ୍ରିମଣ୍ଡଳରେ ଏମାନଙ୍କ ମଧ୍ୟରୁ ଜଣେହେଲେ ନେତାଙ୍କୁ ସୁଯୋଗ ମିଳିନଥିଲା । ଯଥେଷ୍ଟ ଅଭିଜ୍ଞତା ଥିଲେ ହେଁ କେବଳ ଅନ୍ୟ ଦଳରୁ ଆସିଥିବାରୁ ସେମାନଙ୍କୁ ସରକାରରେ ସୁଯୋଗ ମିଳିନଥିବା ସେତେବେଳେ ରାଜନୈତିକ ବିଶେଷଜ୍ଞମାନେ ଆକଳନ କରିଥିଲେ । ବର୍ତ୍ତମାନ ରାଜ୍ୟରେ ବିଜେପିର ସାଂଗଠନିକ ନିର୍ବାଚନ ଚାଲିଥିବା ବେଳେ ଜିଲ୍ଲା ସଭାପତି ଚୟନ ବେଳେ ଦଳ ଆପଣେଇଥିବା ମାପକାଠି ଏହି ଆକଳନକୁ ବଳ ଦେଉଛି । ଏକାଧିକ ସ୍ଥାନରେ ଜିଲ୍ଲା ସଭାପତି ଚୟନ ବେଳେ ରାଜ୍ୟ ନେତୃତ୍ୱ ଅନ୍ୟ ଦଳରୁ ଆସିଥିବା ନେତାଙ୍କ ନାମକୁ କାଟି ଦେଇଥିବା ଭିତିରି ସୂତ୍ରରୁ ସୂଚନା ମିଳିଛି । ଖୋର୍ଦ୍ଧା, ଗଞ୍ଜାମ ପରି ଜିଲ୍ଲାରେ ଅନ୍ୟ ଦଳରୁ ଆସିଥିବା ନେତାଙ୍କ ପାଇଁ ଦଳର ଛାମୁଆ ନେତାମାନେ ଲବି କରିଥିଲେ ହେଁ ଶେଷ ମୁହୂର୍ତ୍ତରେ ଏହା କାଟ୍ ଖାଇଛି । ଏପରିକି ଖୋର୍ଦ୍ଧାରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ପ୍ରଥମେ ମନ୍ତ୍ରୀ, ପରେ ଜିଲ୍ଲା ସଭାପତି କରିବା ପାଇଁ ଭୁବନେଶ୍ୱର ସାଂସଦଙ୍କ ଗୋଷ୍ଠୀ ଉଦ୍ୟମ କରିଥିଲେ ହେଁ ତାଙ୍କ ନାମକୁ ଶୀର୍ଷ ନେତୃତ୍ୱ ସିଧାସିଧା କାଟି ଦେଇଛନ୍ତି । ପ୍ରଶାନ୍ତଙ୍କ ସ୍ଥାନରେ ଦଳ ବିଶ୍ୱରଞ୍ଜନ ବଡଜେନାଙ୍କୁ ଜିଲ୍ଲା ସଭାପତି କରିବାକୁ ସ୍ଥିର କରିଥିବା ଶୁଣିବାକୁ ମିଳୁଛି ।

ଦଳଡିଆଁଙ୍କ ପ୍ରତି ବିଜେପିର ଆଡ଼ ନଜର ଏଇଠି ସରୁନାହିଁ । ଏପରିକି ଅଭିଜ୍ଞ ସାଂସଦ ଭର୍ତ୍ତୃହରି ମହତାବ ଓ ପ୍ରଦୀପ ପାଣିଗ୍ରାହୀ ଏନେଇ ଘୋର ମନସ୍ତାପରେ ଥିବାନେଇ ତାଙ୍କ ପାଖଲୋକେ କହୁଛନ୍ତି । ଅପରପକ୍ଷେ ଆଗକୁ ନିଗମ, ବୋର୍ଡ ପଦରେ ନିଯୁକ୍ତି ଦିଆଯିବାକୁ ଥିବାବେଳେ ଏଠାରେ ମଧ୍ୟ ଦଳ ସମାନ ତରିକା ଆପଣାଇପାରେ । ଦଳର ଏକାଧିକ ଗୋଷ୍ଠୀ ନିଜ ଅନୁଗତଙ୍କ ପାଇଁ ନିଗମ ପଦବୀ ହାତେଇବାକୁ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ଲବି ଚଳାଇଛନ୍ତି । ତେବେ ନିଗମ, ବୋର୍ଡରେ ନିଯୁକ୍ତି ଦେବା ସମୟରେ ଦଳୀୟ ଆନୁଗତ୍ୟ, ଦଳ ପ୍ରତି ନିଷ୍ଠା ସର୍ବୋପରି ଦଳରେ କାର୍ଯ୍ୟ କରିବାର ଅଭିଜ୍ଞତାକୁ ଗୁରୁତ୍ୱ ଦେବାକୁ ଶୀର୍ଷ ନେତୃତ୍ୱ ପରାମର୍ଶ ଦେଇଛନ୍ତି । ସମୀର ରଞ୍ଜନ ଦାସ, ଅରିନ୍ଦମ ରାୟଙ୍କ ପରି କିଛି ନେତାଙ୍କୁ ଛାଡ଼ିଦେଲେ ଅନ୍ୟ ଦଳଡିଆଁଙ୍କୁ କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିନପାରେ ବୋଲି ଦଳ ଭିତରେ ଆଲୋଚନା ହେଲାଣି । ଏହାକୁ ନେଇ ଦଳଡିଆଁ ନେତାଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ସେମାନଙ୍କୁ ବିଜେପି କିପରି ଥଇଥାନ କରୁଛି, ତାହାକୁ ନେଇ ରାଜନୈତିକ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଲାଣି । ସେମାନଙ୍କୁ ଯଦି ସମ୍ମାନର ସହ ଥଇଥାନ କରାନଯାଏ, ତାହେଲେ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳକୁ କ୍ଷତି ପହଞ୍ଚିପାରେ ବୋଲି ଦଳଡିଆଁଙ୍କ ପାଖଲୋକ ଧମକ ଦେବା ଆରମ୍ଭ କଲେଣି ।

## ଫେବୃଆରୀ ୧୩ରୁ...

ଆଲୋଚନା ହେବ । ୧୬ ତାରିଖ ରବିବାର ଛୁଟି ଥିବାବେଳେ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ । ୧୮ରେ ସରକାରୀ କାର୍ଯ୍ୟଦିବସ ଥିବାବେଳେ ୧୯ରେ ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ଏବଂ ୨୦ ଓ ୨୧ରେ ବଜେଟ ଉପରେ ଆଲୋଚନା ଆରମ୍ଭ ହେବ । ଏହାପରେ ଫେବୃଆରୀ ୨୨ରୁ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ବନ୍ଦ ରହିବ । ଦ୍ୱିତୀୟ ପର୍ଯ୍ୟାୟରେ ଗୃହ କାର୍ଯ୍ୟ ମାର୍ଚ୍ଚ ୭ତାରିଖରୁ ଆରମ୍ଭ ହେବ । ସେହିଦିନ ବିଭାଗୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟମାନ ଗୃହରେ ଆଗତ ହେବ । ଏହାପରେ ମାର୍ଚ୍ଚ ୧୦ରୁ ବିଭାଗୱାରି ଅନୁଦାନ ଦାବି ପ୍ରସ୍ତାବ ଉପରେ ଆଲୋଚନା ହେବାକୁ ଥିବାବେଳେ ମାର୍ଚ୍ଚ ୨୯ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଆଗତ ହେବ ବୋଲି କାର୍ଯ୍ୟସୂଚୀରେ ଉଲ୍ଲେଖ ରହିଛି ।

## ବେକାବୁ ପରେ...

ଚାରି ଦିନ ହେଲାଣି ମୃତ୍ୟୁର ଅଭିଯୋଗ ଆସୁଛି । କିନ୍ତୁ ସରକାର କୌଣସି ତତ୍ପରତା ଦେଖାଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ନା' ଭଲ ପାଣି ଦିଆଗଲା ନା' ଆକ୍ରାନ୍ତଙ୍କ ଚିକିତ୍ସା ଏବଂ ଜଳ ବିଶୋଧନ ପାଇଁ ଠୋସ୍ ପଦକ୍ଷେପ ନିଆଗଲା । ବ୍ଲକ୍ ସ୍ତରୀୟ ଅଧିକାରୀଙ୍କ ଉପରେ ସରକାର ଦାୟିତ୍ୱ ଛାଡ଼ି ଦେଇ କାମ ସାରିଦେଲେ । ପରିତାପର ବିଷୟ, ଝାଡ଼ାବାନ୍ତି ପାନୀୟ ଜଳ ଅଭାବ ପାଇଁ ନୁହେଁ; ବରଂ ଭୋଜିଭାତ ପାଇଁ ବ୍ୟାପୁଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଗଲା । ସତ୍ୟକୁ ସ୍ୱୀକାର କରିବା ପରିବର୍ତ୍ତେ ଏହି ଆଳରେ ଲୋକଙ୍କ ବିବାହ ଭୋଜି ଆୟୋଜନ ଉପରେ ପ୍ରଶାସନ ଅଙ୍କୁଶ ଲଗାଇ ଦେଇଛି । ଦୁଇ ଦିନ ତଳେ ପୁରୀ ସାଂସଦ ସେଠାକୁ ଯାଇ ସ୍ଥିତି ସମୀକ୍ଷା କରି ଫେରିଗଲେ । କିନ୍ତୁ ତାହା ପରିସ୍ଥିତିରେ ସୁଧାର ଆଣିପାରିଲା ନାହିଁ ।

ସାଧାରଣରେ ସମାଲୋଚନା ଓ ଜନଅସନ୍ତୋଷ ପରେ ଆଜି ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ଡାକ୍ତରୀ ଦଳ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ କରିଛି । ଜଳ ବିଶୋଧନ କାମ ବି ଚାଲିଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, କଣାସରେ ଝାଡ଼ାବାନ୍ତି ପାଇଁ ଜଣେ ମୃତ୍ୟୁବରଣ କରିଛନ୍ତି । ବାକି ତିନି ଜଣ ଅନ୍ୟ କାରଣ ପାଇଁ ପ୍ରାଣ ହରାଇଛନ୍ତି । ଏହା ଉପରେ ତଦନ୍ତ କରାଯାଉଛି ।

## ଟିଟିଲାଗଡ଼ ଷ୍ଟେସନ୍‌ରୁ...

ସଂପୃକ୍ତ ଅନ୍ୟତମ ଅଭିଯୁକ୍ତ ରାହୁଲ ଭୋଷାଗରକୁ ବି ପୁଲିସ୍ ଗିରଫ କରିଛି । ତା' ଘର ବରଗଡ଼ ଜିଲ୍ଲା ଧାଙ୍ଗେର ଅଞ୍ଚଳରେ ବୋଲି ଜଣାଯାଇଛି । ଆଜିର ଏହି ୨ ଗିରଫଦାରୀକୁ ମିଶାଇ ଏହି ଘଟଣାରେ ପୁଲିସ୍ ବର୍ତ୍ତମାନ ସୁଦ୍ଧା ମୋଟ ୫ ଜଣଙ୍କୁ ଗିରଫ କରିସାରିଲାଣି । ଏହି ଘଟଣାରେ ପୁଲିସ୍ ଗତକାଲି ଫୋଟକା ଅଞ୍ଚଳର ସର୍ଜନ ତନସନା ଓ ପ୍ରହଲ୍ଲାଦ ଦାଶ ଏବଂ ଧୁମାଭଟା ଅଞ୍ଚଳର ଜୟକୃଷ୍ଣ ତନସନାକୁ ଗିରଫ କରିଥିଲା ।

## ୪ ଡିଗ୍ରୀ ବଢ଼ିବ...

ୟେଲୋ ଆଲର୍ଟ ଜାରି କରିଛି । ସେହିପରି ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ମଧ୍ୟମଧରଣର କୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର କହିଛି । କୁହୁଡ଼ି ସତର୍କତାକୁ ଦୃଷ୍ଟିରେ ରଖି ସମସ୍ତ ଜିଲ୍ଲାପାଳଙ୍କୁ ଏସ୍ଆର୍‌ସି ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ରାଜପଥଗୁଡ଼ିକରେ ଦୁର୍ଘଟଣା ଏଡ଼ାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ଏସ୍‌ପି ଓ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ପାହାଡ଼ିଆ ଅଞ୍ଚଳ ଭାବରେ ଜି. ଉଦୟଗିରିରେ ସର୍ବନିମ୍ନ ୪.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ସମତଳ ଅଞ୍ଚଳ ଭାବରେ ଫୁଲବାଣୀରେ ୭.୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

## ପାଠ୍ୟକ୍ରମରେ ରହୁ...

ଶିକ୍ଷାକୁ ପ୍ରାଥମିକତା ଦେଇ ଛାତ୍ରଛାତ୍ରୀଙ୍କୁ ଆତ୍ମନିର୍ଭରଶୀଳ କରାଯିବ । କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ସଚିବ ମନୋଜ ଆହୁଜା, କେନ୍ଦ୍ର ଶିକ୍ଷା ସଚିବ ସଞ୍ଜୟ କୁମାର, ଶିକ୍ଷାବିତ୍ ମଞ୍ଜୁଲ୍ ଭାର୍ଗବଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଅଧିକାରୀ ଓ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

# ସାଧାରଣତନ୍ତ୍ର ଦିବସରେ ୨୦ ଜଣଙ୍କୁ ରାଜ୍ୟପାଳ ପଦକ

**ଭୁବନେଶ୍ୱର,୨୧।୧(ସମିସ):** ଉତ୍ତମ ସେବା ଏବଂ କାର୍ଯ୍ୟ ଦକ୍ଷତା ପାଇଁ ୨୦ ଜଣ ପୁଲିସ ଅଧିକାରୀଙ୍କୁ ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳ ପଦକ ମିଳିବ । ଏନେଇ ଗୃହ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଆଇପିଏସ୍ ବର୍ଗରେ ଅଗ୍ନିଶମ ବିଭାଗ ଏବଂ ଗୃହରକ୍ଷୀ ବିଭାଗର ଆଇଜି ଦୀପକ କୁମାର, ଏବଂ ବ୍ରହ୍ମପୁର ଏସ୍ଆର ଥିବା ଡିଆଇଜି ସାର୍ଥକ ଷଡ଼ଙ୍ଗୀ, ଝାସୁଗୁଡ଼ା ଏସ୍‌ପି ପରମାର ସ୍ମିତ ପୁରୁଷୋତ୍ତମ ଦାସ, କଟକ ୬ ବାଲାଲିୟନ୍‌ର କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ । ସେହିପରି କଟକ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ, ଗଞ୍ଜାମ ଅତିରିକ୍ତ ଏସ୍‌ପି ରାଜୀବଲୋଚନ ପଣ୍ଡା, କ୍ରାଇମ୍‌ବ୍ରାଞ୍ଚ ଇନ୍ସପେକ୍ଟର ଶ୍ରଦ୍ଧାଞ୍ଜଳି ପଣ୍ଡା, ଭୁବନେଶ୍ୱର ବିପିଏସ୍‌ପିଏ ଇନ୍ସପେକ୍ଟର ଅନିଲ କୁମାର ମିଞ୍ଜ, ସମ୍ବଲପୁର ଭିଜିଲାନ୍ସ ଡିଭିଜନର ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ରଙ୍କ ନାମ ଚୟନ କରାଯାଇଛି । ସେହିପରି ଯାଜପୁର ପିଟିଆଇର ଏସ୍ଆଇ ସୁବାସ ଚନ୍ଦ୍ର ପଣ୍ଡା, ନୂଆପଡ଼ା ପୁଲିସର ଏସ୍ଆଇ କ୍ଷୀରୋଦ ଚନ୍ଦ୍ର ବାଗ, ଏସ୍ଏସ୍ ବାଟାଲିୟନ୍‌ର(ଆର୍ମ) ଏସ୍ଆଇ ମନୋରଞ୍ଜନ ସାମଲ, କଟକ ଜିଆର୍‌ପି ଏଏସ୍ଆଇ ରବିନ୍ଦ୍ର ନାଥ ଜେନା, ଝାରସୁଗୁଡ଼ା ଓଏସ୍ଏପି-୨ ଏଏସ୍ଆଇ ବିଷ୍ଣୁ କୁମାର ବୁରା, ଭୁବନେଶ୍ୱର ଓଆଇଏସ୍ଏଫ ହାବିଲଦାର ମନୋଜ କୁମାର ଜେନା ଚୟନ ହୋଇଛନ୍ତି । ବାଲେଶ୍ୱର ଭିଜିଲାନ୍ସ ଡିଭିଜନର କନଷ୍ଟେବଲ ପ୍ରମୋଦ କୁମାର ମହନ୍ତ, କେନ୍ଦୁଝର ପୁଲିସର କନ୍‌ଷ୍ଟେବଲ ଚିତ୍ତରଞ୍ଜନ ସାହୁ, ମାଲକାନଗିରି ଓଏସ୍ଏପି-୪ ସିପାହୀ ଅମିତ କୁମାର ମଲ୍ଲିକ, ଅନଗୁଳର କନ୍‌ଷ୍ଟେବଲ ଅଶ୍ୱିନୀକାନ୍ତ ସାହୁ ଏବଂ ମାଲକାନଗିରି ପୁଲିସର କନ୍‌ଷ୍ଟେବଲ ଅର୍ଜନ କୁମାର ଜେନାଙ୍କୁ ମଧ୍ୟ ଚୟନ କରାଯାଇଛି । ମନୋନୀତ ହୋଇଥିବା ପୁଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ରାଜ୍ୟପାଳ ପଦକ ପ୍ରଦାନ କରିବେ ।

**AFFIDAVIT**

By virtue of an affidavit before the Notary Public, Bhubaneswar. I Subhrata Subhadarsini, W/o- Himansu Shekhar Sahoo of Plot No. 444-B, Paikanagar, Delta Colony, Unit-8, PS- Nayapalli, Bhubaneswar do hereby declare that my husband's correct & actual name is **Himansu Shekhar Sahoo** but in my Passport my husband's name inadvertently recorded as Himansu Sekhar Sahoo. Henceforth **Himansu Shekhar Sahoo** and Himansu Sekhar Sahoo is one and the same person i.e. my husband.

**AFFIDAVIT**

By virtue of an affidavit before the Executive Magistrate, Baripada, Mayurbhanj on dt. 20-01-2025, I Salge Hansdah aged about 46 years, W/O-Karunakara Hansdah of vill.-Badsatsole, P.O.-Badkaranjia, PS.-Khunta, Dist. Mayurbhanj, Odisha declare that my daughter's actual & correct name is LAXMI HANSDAH and her Dob. is 02-04-2009, which is mentioned in her Birth certificate. But in Aadhar card her name & Dob. are mentioned wrongly as LAKSHMI HANSDAH, 05-04-2009. The two names and Dob are belongs to one person that is my daughter. Henceforth she shall be known as LAXMI HANSDAH of Dob 02-04-2009 for all purposes.

**AFFIDAVIT**

I Mitrajita Pattnaik, W/o- Sri Bijay Kumar Das, residence at Plot no. D-260, Sector-7, CDA, Cuttack- 14, declare before Notary Public on 08/01/2025 through an affidavit, that my Husband name is Bijay Kumar Das, which also mentioned in my ADHAAR card. But which was printed by mistake, in my passport No. M9904118, Bijaya Kumar Das. So **"Bijay Kumar Das"** and **"Bijaya Kumar Das"** is treated as same and one person, for any purpose in future.

**AFFIDAVIT**

I Jaidul islam, RO– Koel bank , Panposh , PS – Raghunathpali , Sundergarh, Odisha declare by this affidavit no A/68, dt-(20/01/2025) that my son SK. Saiffanul Islam from now onwards will be known as **SHIFANOOR ISLAM** for all purposes.

**AFFIDAVIT**

I, Shreemanta Mallick, S/o- Kartik Chandra Mallick, resident of At/Po- Andhara, Ps- Pattamundai, Dist- Kendrapara, Pin- 754240, Odisha declared by this affidavit No. 185, dtd- 20/01/2025 that now onwards I shall be known as **SHREEMANTA KUMAR MALLICK** for all future purposes.

**AFFIDAVIT**

I Rangoli Laly Patra, W/o.: D Rabindra Kumar, Resident of At Flat No.: 304, Akash Deep Appartment, Nageswar Tangi, Vivekananda Marg, PO.: Oldtown, P.S.: Shree Lingaraj, Bhubaneswar, Dist.: Khordha, PIN-751002, Odisha, declare by this affidavit No.: 13, dtd 21.01.2025 that now onwards I shall be known as **R LALY PATRA** for all future purposes.

**AFFIDAVIT**

By virtue of an Affidavit sworn before the Executive Magistrate, Kanasa, No: 72, dated 07.01.2025 I Arkhita Agrasingh (New Name), S/O Late Ananda Agrasingh resident of Village: Gadamatiapada, Po: Gadamatiapada, Ps: Kanas, Dist: Puri, Odisha declare that I have changed my name from Nisikanta Agrasingh to Arkhita Agrasingh. Henceforth, I shall be known as ARKHITA AGRASINGH (New Name) for all future purposes.

**AFFIDAVIT**

I, Sunita Shaha, W/o- Santosh Kumar Shah, resident of At/Po- Bisra, Rourkela, Pin- 769001, Odisha declared by this affidavit No. 184, dtd- 20/01/2025 that now onwards I shall be known as **SUNITA SHAH** for all future purposes.

**AFFIDAVIT**

I, Suraj Jagtap, S/O- Pradip Jagatap, resident of C-90, Kanjiwari Sahi, C.T.BE, Berhamapur Sadar, Ganjam, Berhampur, Pin- 760002, Odisha declared by this affidavit No. 183, dtd- 20/01/2025 that now onwards I shall be known as **SURAJ PRADEEP JAGATAP** for all future purposes.

**AFFIDAVIT**

I, Anjali Bishoyi, W/o- Pitambar Bisoyi, resident of At- Benakunda, Po- Dihapadhala, Dist- Ganjam, Pin- 761140, Odisha declared by this affidavit No. 188, dtd- 21/01/2025 that now onwards I shall be known as **ANJALI BISOYI** for all future purposes.

**AFFIDAVIT**

I, Chunni Lal Patel, S/o- Nathubhai Rudani, resident of Balaram Ananta Complex, Flat No. B-404, Damana, Chandrasekharpur, Bhubaneswar Urban, Odisha declared by this affidavit No. 189, dtd- 21/01/2025 that now onwards I shall be known as **CHUNILAL RUDANI** for all future purposes.

**AFFIDAVIT**

I, Dayanidhi Bishoyi, S/o- Pitambar Bisoyi, resident of At- Benakunda, Po- Dihapadhala, Dist- Ganjam, Pin- 761140, Odisha declared by this affidavit No. 186, dtd- 21/01/2025 that now onwards I shall be known as **DAYANIDHI BISOYI** for all future purposes.

**AFFIDAVIT**

I, Dhruba Charana Mohanty, W/o- Karitik Mohanty, resident of At- Kadua, Po- Rasanga, Ps-Gania, Nayagarh, Pin- 752085, Odisha declared by this affidavit No. 182, dtd- 20/01/2025 that now onwards I shall be known as **DHRUBA CHARAN MOHANTY** for all future purposes.

**AFFIDAVIT**

I, Pitambar Bishoyi, S/o- Late Raghunath Bisoyi, resident of At- Benakunda, Po- Dihapadhala, Dist- Ganjam, Pin- 761140, Odisha declared by this affidavit No. 187, dtd- 21/01/2025 that now onwards I shall be known as **PITAMBAR BISOYI** for all future purposes.

**AFFIDAVIT**

I, Santosh Kumar Shaha, S/o- Gopiram Shaha, resident of At/Po- Bisra, Rourkela, Pin- 769001, Odisha declared by this affidavit No. 181, dtd- 20/01/2025 that now onwards I shall be known as **SANTOSH KUMAR SHAH** for all future purposes.

**PANCHAYAT SAMITI, DHARAKOTE, GANJAM**

**Corrigendum to Tender Call Notice GPLF Building (Total Project No-6)**

Refer to the this office Tender Call Notice No.2/24-25 of Panchayat Samiti, Dharakote published in Pragativadi / Sakala Odia Daily News Paper Issue dated 21.01.2025 at Page No. 7

The Class of Bidder Should be read as 'B' & 'C' instead of 'C' & 'D'. All other Conditions of the tender Call notice will remain unchanged.

Inconvenience caused due to unexpected mistake is regretted.

**Sd/- Block Development Officer**
**Dharakote (Ganjam)**

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଫୋନ୍: ୦୬୭୪-୨୩୬୨୨୪୯

**ସର୍ବସାଧାରଣ ବିଜ୍ଞପ୍ତି**

ବ୍ୟାଙ୍କ ଅଫ୍ ଇଣ୍ଡିଆ, ତା.୨୭.୦୧.୨୦୨୫ରିଖରେ ସମଗ୍ର ଭାରତରେ ୧୩୦୦+ ଆବାସିକ ସମ୍ପତ୍ତିଗୁଡିକ ପାଇଁ ଏକ ବିଶେଷ (ସ୍ୱତନ୍ତ୍ର) ମେଗା ଇ-ନିଲାମର ଆୟୋଜନ କରିବାକୁ ଯାଉଛି । ବ୍ୟାଙ୍କ ଦ୍ୱାରା ଦଖଲ ନିଆଯାଇଥିବା ଆବାସିକ ସମ୍ପତ୍ତିଗୁଡିକର ବିକ୍ରୟ ନିମିତ୍ତ ବ୍ୟାଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଉଛି ଯାହାକି ଗୃହ କ୍ରେତାଙ୍କ ନିମନ୍ତେ ଉତ୍ତମ ସ୍ଥାନ ଓ ଉତ୍ତମ ମୂଲ୍ୟରେ ଉପଲବ୍ଧ ଅଛି । ସବିଶେଷ ବିବରଣୀ ଓ ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି / ବିଡର (ନିଲାମଧାରୀ)ମାନେ **https://baanknet.com** ଦେଖନ୍ତୁ ଏବଂ ନିଜକୁ ପଞ୍ଜିକରଣ କରନ୍ତୁ । ନିଲାମ ପ୍ରକ୍ରିୟାରେ କୌଣସି ସହାୟତା ନିମନ୍ତେ **BAANKNET** ହେଲ୍ପଲାଇନ୍ ନଂ.: ୮୨୯୧୨୨୦୨୨୦ରେ ସମ୍ପର୍କ କରନ୍ତୁ କିମ୍ବା ନିକଟସ୍ଥ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ସହ ଯୋଗାଯୋଗ କରନ୍ତୁ ।

ଆଞ୍ଚଳିକ ପ୍ରବନ୍ଧକ

**IN THE COURT OF THE CIVIL JUDGE (SENIOR DIVISION), NAYAGARH**

**C. S. No.74 of 2023**

Manjubala Pattanaik .....Plaintiff

Vrs.

Manjubala Pattanaik @ Manjubala Dei @ Manjulata Pattanaik & 55 others ...Defendants

**DRAFT FOR PUBLICATION NOTICE U/05, RULE-20 (1-A) OF THE C.P.C**

(Civil Suit No. 74 of 2023 In the Court of Civil Judge, (Senior Division), Nayagarh)

**Notice to the defendant Nos. 15, 20, 22, 26, 27, 33, 34, 44 & 48**

**Defendant Nos.**

15.Sabitri Pattanaik, aged about 70 years, W/o - Late Madhusudhan Pattanaik, Karan Sahi, P.O./P.S. - Itamati, Dist.- Nayagarh, PIN - 752068

20.Sanjukta Pattanaik, aged about 30 years, D/o - Late Madhusudhan Pattanaik of Karan Sahi, P.O./P.S. - Itamati, Dist.- Nayagarh, PIN - 752068.

22.Khageswar Jena, aged about 66 years, S/o - Bidyadhar Jena, Village - Narasingha Prasad, P.O./P.S.- Itamati, Dist.- Nayagarh, PIN - 752068.

26.Damodar Pradhan, aged about 70 years, S/o - Late Madhab Pradhan, At./P.O. - Badapandusara, P.S. - Itamati, Dist. - Nayagarh, PIN - 752068

27. Kumuda Das, aged about 55 years, S/o - Late Bhima Das, At. - Nahar Sahi, Itamati, P.O./P.S. - Itamati, Dist.- Nayagarh, PIN - 752068

33.Trinath Nayak, aged about 36 years, S/o - Bhikari Nayak of Village - Narasingha Prasad, P.O./P.S.- Itamati, Dist.- Nayagarh, PIN- 752068.

34. P Suprabha Patra, aged about 52 years, W/o - P. Rameswar Patra, At.- Rajabagicha, Nayagarh, P.O./P.S./Dist.- Nayagarh, PIN - 752069

44.Muralidhar Patra, aged about 63 years, S/o - Late Harekrushna Patra, At.- Jagati Patana Sahi, Itamati, P.O./P.S. - Itamati, Dist. - Nayagarh, PIN - 752068

48.Brajabandhu Behera, aged about 51 years, S/o- Budhi Behera of Telisahi, Itamati, P.O./P.S. - Itamati, Dist. - Nayagarh, PIN - 752068

Whereas, it has been proved to the satisfaction of the Court that the defendants noted above cannot be served with summons in the ordinary way of service. Hence, this proclamation under Order-5, Rule 20 (1 - A) of the C.P.C is hereby issued against above noted defendants and defendants should appear personally or through their respective counsels on dated **18th Feb. 2025 at about 10.30 A.M** positively before the Court of Civil Judge (Senior Division), Nayagarh.

Take notice that in default of your appearance on the day fixed, the above said Suit will be heard and determined in your absence.

Giving under my hand and seal of the court this the **17th day of Jan. 2025.**

**Sd/- Civil Judge (Senior Division)**
**Nayagarh, Odisha**

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ସୁବର୍ଣ୍ଣପୁର**

**ବିଜ୍ଞାପନ**

ଏତଦ୍ୱାରା ସୁବର୍ଣ୍ଣପୁର ତଥା ଆଖପାଖ ଅଂଚଳର ଜନସାଧାରଣ ଏବଂ କୃଷକ ଭାଇଭଉଣୀମାନଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ ଆସନ୍ତା ଜାନୁଆରୀ ୨୨ତାରିଖ ରୁ ୨୬ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରୟାଲ ପଡିଆ, ସୋନପୁର ଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କ ଆନୁକୂଲ୍ୟରେ କୃଷି ବିଭାଗ, ସୁବର୍ଣ୍ଣପୁର ତରଫରୁ ଅନୁଷ୍ଠିତ ହେବ । ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ଆର୍ଥିକ ସହାୟତାର ସଚେତନତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, କୃଷି ଓ ଆନୁସଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର ପ୍ରଚାର ଓ ପ୍ରସାର ନିମନ୍ତେ ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତ୍କାଳ ବୁକିଂ ବ୍ୟବସ୍ଥା ଅଛି । ତେଣୁ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣ ଏବଂ କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିବା ହେବେ ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର

ଜିଲ୍ଲାପାଳ, ସୁବର୍ଣ୍ଣପୁର

## ଗଣଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ପ୍ରକାଶକ ସଂଘ କର୍ମକର୍ତ୍ତା

**କଟକ,୨୧।୧(ସମିସ):** ଓଡ଼ିଶା ପବ୍ଲିସର୍ସ ଆଣ୍ଡ ଟ୍ରେଡର୍ସ ଆସୋସିଏସନ୍ସର କର୍ମକର୍ତ୍ତା ଓ ସଭ୍ୟମାନଙ୍କର ଏକ ପ୍ରତିନିଧି ମଣ୍ଡଳ ସମ୍ପାଦକ ଅଜିତ ମହାପାତ୍ର ଓ ସଦସ୍ୟ ପ୍ରତାପ ସାମଲଙ୍କ ନେତୃତ୍ୱରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ଅବସରରେ ତାଙ୍କୁ ନବବର୍ଷ ଅଭିନନ୍ଦନ ଜଣାଇବା ସହ କେନ୍ଦ୍ରୀୟ ଅନୁଦାନରେ ଓସେପା ଦ୍ୱାରା ସ୍କୁଲ ପାଠାଗାର ପାଇଁ କିଣା ଯାଉଥିବା ପୁସ୍ତକର କ୍ରୟ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଓ ସ୍ୱଚ୍ଛ କରିବାକୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ ବିଗତ ବର୍ଷମାନଙ୍କରେ ଏହି ବହି କିଣାରେ ବ୍ୟାପକ ଅନିୟମିତତା ଓ ପାତରଅନ୍ତର ହୋଇଥିବାର ଅଭିଯୋଗ ହେବା ସହ ସେ ସମ୍ପର୍କିତ ଖବର ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଥିଲା। ସେହି ସବୁ ଖବରର କିଛି ନକଲ ମଧ୍ୟ ମନ୍ତ୍ରୀଙ୍କୁ ଦିଆଯାଇଛି। ଓସେପା କର୍ତ୍ତୃପକ୍ଷ ପୁସ୍ତକ କ୍ରୟ ନିୟମରେ ପ୍ରତିବର୍ଷ ପରିବର୍ତ୍ତନ ଓ କଠୋର କରି ବହୁ ପ୍ରକାଶକଙ୍କୁ ଏହି ପ୍ରକ୍ରିୟାରୁ ବାହାରେ ରଖିବାକୁ ଚେଷ୍ଟା କରୁଛନ୍ତି। ଏଣୁ କ୍ରୟ ନିୟମକୁ କୋହଳ କରିବା ସହ ଚୟନ ପ୍ରକ୍ରିୟାକୁ ଦୁଇସ୍ତରୀୟ କରି ୨ୟ ସ୍ତରରେ ଶିକ୍ଷାବିତ ଓ ବରିଷ୍ଠ ସାହିତ୍ୟିକଙ୍କୁ ସାମିଲ କରାଗଲେ ଏହି କ୍ରୟ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ହୋଇପାରିବ ବୋଲି ସଂଘର କର୍ମକର୍ତ୍ତାମାନେ ମତ ରଖିଥିଲେ। ଏହି ପ୍ରତିନିଧିମଣ୍ଡଳରେ ଅନୁପମା ପ୍ରକାଶନୀ, ସଂଯୋଗ, ସାହିତ୍ୟ ପ୍ରସାର ପ୍ରତିଷ୍ଠାନ, ମାରୁତି ପ୍ରିଣ୍ଟର୍ସ, ଶତଧାରା ପ୍ରକାଶନୀ, ଶ୍ରୀଗୁରୁ ପବ୍ଲିକେସନ୍ସ, ଶ୍ରୀଗଣେଶ ପ୍ରିଣ୍ଟର୍ସ, ଇତି ବୁକ୍ସ, ମିଥୁନ ପ୍ରକାଶନୀର ସତ୍ତ୍ୱାଧିକାରୀମାନେ ଯୋଗଦେଇଥିଲେ।

## ସର୍ବମଙ୍ଗଳା ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ



**କଟକ,୨୧।୧(ସମିସ):** କଟକର ରାଜେନ୍ଦ୍ରନଗରସ୍ଥିତ ସର୍ବମଙ୍ଗଳା ବରିଷ୍ଠ ନାଗରିକ ସଂଘର ଦଶମ ପ୍ରତିଷ୍ଠା ଦିବସ ଉତ୍ସବ ମଙ୍ଗଳାମନ୍ଦିର ପରିସରରେ ସଂଘର ସଭାପତି ମହେନ୍ଦ୍ର ଷଡଙ୍ଗୀଙ୍କ ସଭାପତିତ୍ୱରେ ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବରିଷ୍ଠ ଚିକିତ୍ସକ ପ୍ରଫେସର କୃପାସିନ୍ଧୁ ପଣ୍ଡା, ମୁଖ୍ୟବକ୍ତା ଡ. ପ୍ରସନ୍ନ ଦାଶ, କଟକ ମହାସଂଘର ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ, ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା ଓ ମଧୁପାଟଣା ଥାନା ଆଇଆଇସି ଚିତରଞ୍ଜନ ରାଉତ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ସାର୍ତୋଳ, ନୂଆପଡ଼ା, ସିଆର୍‌ଆର୍‌ଆଇ, ମହାନଦୀବିହାର ଓ ଅଦରପୁର ବରିଷ୍ଠ ନାଗରିକ ସଂଘର ସଭାପତି ଓ ସମ୍ପାଦକ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସଂଘର ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ ମହାନ୍ତି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ କ୍ଷୀରୋଦ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଶରତ ଚନ୍ଦ୍ର ପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




କଟକ,୨୧।୧(ସମିସ): କଟକ ଜିଲ୍ଲା ନେହେରୁ ଯୁବ କେନ୍ଦ୍ର ଓ ମାଇଁ ଭାରତ ଆନୁକୂଲ୍ୟରେ ସେଲଟରଛକ ଟ୍ରାଫିକ ପୋଷ୍ଟ ନିକଟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା ଓ ମହିଳା ଓ ଶିଶୁ କଲ୍ୟାଣ ସମିତିର ସମ୍ପାଦିକା ମିନତୀ ବିଦ୍ଧାଣି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସଡ଼କ ସୁରକ୍ଷା ଜୀବନ ରକ୍ଷା ଓ ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ସଚେତନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ହେଲମେଟ ପିନ୍ଧି ନ ଥିବା ବାଇକ ଆରୋହୀ, କାର ତଥା ବିଭିନ୍ନ ଚାରିଚକିଆ ଚାଳକ ସିଟ ବେଲଟ ବାନ୍ଧି ନ ଥିବା ଆଦି ଯାନକୁ ଅଟକାଇ ସଚେତନତା କରିବା ସହ ଗୋଲାପ ଫୁଲ ପ୍ରଦାନ କରିଥିଲେ। ଏହାପରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରଘୁନାଥ ଜୀଉ ଡିଗ୍ରୀ କଲେଜର ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଲବର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

## କଟକ କଲେଜ ରେଡ୍‌କ୍ରସ୍ ପକ୍ଷରୁ ସେବା ଶିବିର




କଟକ,୨୧।୧(ସମିସ): କଟକ କଲେଜ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ତରଫରୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ତ୍ରିଦିବସୀୟ ସେବା ଶିବିର କଲେଜ ଅଧ୍ୟକ୍ଷା ଡ. ପ୍ରଣତୀ ପଟ୍ଟନାୟକଙ୍କ ଦ୍ୱାରା ନେତାଜୀ ସୁଭାଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ନେତାଜୀ ଜନ୍ମସ୍ଥାନ ଟ୍ରଷ୍ଟର ସେକ୍ରେଟାରୀ ଅଶ୍ୱିନୀ କୁମାର ଶତପଥୀଙ୍କ ଅନୁମୋଦନ କ୍ରମେ ତଥା କଲେଜ ରେଡ୍‌କ୍ରସ୍ ଅଧିକାରୀ ଅଧ୍ୟାପକ କୁମାର ପ୍ରଦୀପ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ସ୍ୱଚ୍ଛତା ସେବା, ଫାଷ୍ଟ ଏଡ୍ ଓ ବରିଷ୍ଠ ନାଗରିକଙ୍କୁ ପରିଦର୍ଶନରେ ସହାୟତା କାର୍ଯ୍ୟ ଶିବିରାର୍ଥୀଙ୍କ ଦ୍ୱାରା ସମ୍ପାଦିତ ହେଉଛି। ପ୍ରାରମ୍ଭିକ ଦିବସରେ ଟିମ୍ ଲିଡର ସୁଚିତ୍ ଶୁଭଙ୍କର, ନାଜମିନ୍ ସୁଲତାନା ଓ ସୁଜଳ ସ୍ୱାଇଁ, ଶୁଭଲକ୍ଷ୍ମୀ ପ୍ରଧାନ, ଅମିତ ସ୍ୱାଇଁ, ଆକାଂକ୍ଷା ଶତପଥୀ, ସୁଜିତ୍ ପଣ୍ଡା, ମୀର୍ ହାସନ୍ ଅଲ୍ଲୀ ଓ ରଶ୍ମୀ ରଞ୍ଜନ ମହାପାତ୍ରଙ୍କ ସମେତ ପ୍ରାୟତିରିଶ ଜଣ ରେଡକ୍ରସ୍ ରେଡ୍ ରିବନ୍ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

### କଳିଙ୍ଗ ଭାରତୀ ସାରସ୍ୱତ ମହୋତ୍ସବ ଉଦ୍‌ଯାପିତ

# ବିଛନ୍ଦ ଚରଣ ପଟ୍ଟନାୟକ ଥିଲେ ଜଣେ ଅନୁଷ୍ଠାନ




**କଟକ,୨୧।୧(ସମିସ):** ଗୁରୁ ବିଛନ୍ଦ ଚରଣ ପଟ୍ଟନାୟକ ଜଣେ ସାଧାରଣ ମଣିଷ ନୁହନ୍ତି ସେ ଥିଲେ ଜଣେ ଅନୁଷ୍ଠାନ। ୧୯୪୪ ମସିହାରେ କଳିଙ୍ଗ ଭାରତୀ ଗଠନ କରି ଓଡ଼ିଆ ପ୍ରାଚୀନ ସାହିତ୍ୟ ଓ ସାଂସ୍କୃତିକ ଜାଗରଣ ସୃଷ୍ଟି କରି ଛାତ୍ର ସମାଜକୁ ଅନୁପ୍ରାଣିତ କରି ଓଡ଼ିଆ ପ୍ରାଚୀନ ଓ ରୀତି ଯୁଗୀୟ ସାହିତ୍ୟକୁ ପ୍ରଚାର ଓ ପ୍ରସାର କରି ହୃତ ବୈଭବକୁ ପୁନରୁଦ୍ଧାର କରିଥିଲେ ବୋଲି କଟକ ମିଶନ ରୋଡ ସ୍ଥିତ ଭଞ୍ଜ ମଣ୍ଡପ ଠାରେ କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ମିଳିତ ଭାବେ ଆୟୋଜିତ ତ୍ରିଦିବସୀୟ ସାରସ୍ୱତ ମହୋତ୍ସବ ୨୦୨୫ର ଉଦଯାପନ ଉତ୍ସବ ଓ ଗୁରୁ ବିଛନ୍ଦ ଚରଣ ପଟ୍ଟନାୟକଙ୍କ ୧୨୫ତମ ଜୟନ୍ତୀ ଉତ୍ସବରେ ଯୋଗଦେଇ ବହୁ ବିଶିଷ୍ଟ ବକ୍ତା ମତବ୍ୟକ୍ତ କରିଛନ୍ତି। ଡ. ଶୈଳେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତୃତୀୟ ଦିବସ ତଥା ଗୁରୁ ବିଛନ୍ଦ ଚରଣ ପଟ୍ଟନାୟକଙ୍କ ୧୨୫ତମ ଜନ୍ମ ଜୟନ୍ତୀ ଉତ୍ସବକୁ ଶ୍ରୀ ଦାଶ ବେନହୁର ପ୍ରଦୀପ ଜାଳି ଉଦଘାଟନ କରିଥିଲେ। ଏହି ଅବସରରେ ଉପଦେଷ୍ଟା ଚନ୍ଦ୍ରଶେଖର ନନ୍ଦ, ଗବେଷକ ହରିଶ୍ଚନ୍ଦ୍ର ବେହେରା ଗୁରୁଜୀଙ୍କ ସାରସ୍ୱତ ସାଧନାକୁ ବର୍ଣ୍ଣନା କରିଥିଲେ। ଗୁରୁ ବିଛନ୍ଦଙ୍କ କନ୍ୟା ରାଜଲକ୍ଷ୍ମୀ ମହାନ୍ତି, ଓଡ଼ିଶା ବିଧାନସଭାର ଅଧିବକ୍ତା ତଥା କଳିଙ୍ଗ ଭାରତୀର ଉପଦେଷ୍ଟା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ଡ. ଅଂଶୁମାନ କର ପ୍ରମୁଖ ବିଛନ୍ଦ ଚରଣଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉପସଭାପତି ରଞ୍ଜିତ କର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଉଦବୋଧନ ଦେଇ ଗବେଷକ ପ୍ରଭାତ କୁମାର ନନ୍ଦ ଗୁରୁ ବିଛନ୍ଦ ଚରଣଙ୍କ ସୃଷ୍ଟି କାଳଜୟୀ ଭାବେ ବ୍ୟାଖ୍ୟା କରିଥିଲେ। ଜୟନ୍ତୀ ମଞ୍ଜରୀ ରଥ, ସ୍ନେହଲତା ମିଶ୍ର, ଡ. ଅନୁପ ମାର୍ଥା, ଡା. ଶୁଭସୁଧା ପ୍ରିୟଦର୍ଶିନୀ, ସତ୍ୟ ଗୋପାଳ ପରିଜା, ସୁବାସ ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଉତ୍କଳ ଛାତ୍ର ସାହିତ୍ୟ ସମାଜର ସଭ୍ୟ ସତ୍ୟବ୍ରତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ବିଛନ୍ଦ ସଙ୍ଗୀତ ଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ଶାସ୍ତ୍ରୀୟ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ମା' କଟକ ଚଣ୍ଡୀଙ୍କର ମଙ୍ଗଳବାର ସାନ୍ଧ୍ୟ ଦର୍ଶନ

## ଓଏଭି ଛାତ୍ର ବି. ତ୍ରିର୍ଥେନ୍ଦୁଙ୍କ ସଫଳତା

**ଆଠଗଡ,୨୧।୧(ସମିସ):** ଆଠଗଡ ବ୍ଲକ ଅନ୍ତର୍ଗତ କୁଲାଇଲୋସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ବି. ତ୍ରିର୍ଥେନ୍ଦୁ ଶେଖର ଜ୍ୟୋତି ଜିଲ୍ଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ଜିଲ୍ଲାସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ମାହାଙ୍ଗା ଶୁକ୍ଳେଶ୍ୱର ବିଦ୍ୟାପୀଠରେ ଅନୁଷ୍ଠିତ ଉତ୍ସବରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ବି. ତ୍ରିର୍ଥେନ୍ଦୁଙ୍କୁ ପୁରସ୍କୃତ କରିଥିଲେ। ଏଥିନେଇ ତାଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ଅଭିନନ୍ଦନ ଜଣାଇଛନ୍ତି।

## ଲକ୍ଷପତି ଦିଦି ତାଲିମ ଶିବିର

**ତିଗିରିଆ,୨୧।୧(ସମିସ):** ରାଜ୍ୟ ସରକାରଙ୍କ ଜୀବିକା ମିଶନ (ମିଶନ ଶକ୍ତି) ବିଭାଗ ପକ୍ଷରୁ ତିଗିରିଆ ବ୍ଲକ ସଦର ମହକୁମା ନିଜିଗଡ ପଞ୍ଚାୟତ ଅନ୍ତର୍ଗତ କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ଦୁଇ ଦିବସୀୟ ଲକ୍ଷପତି ଦିଦି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିପିଏମ ପ୍ରଦୀପ କୁମାର ସିଂହ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୁପେ ତିଗିରିଆ ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ ସମ୍ମାନୀତ ଅତିଥି ରୂପେ ନିଜିଗଡ ସରପଞ୍ଚ ସଞ୍ଜୁକ୍ତା ମହାନ୍ତି, ପଞ୍ଚାୟତ ମହାସଂଘ ସଭାନେତ୍ରୀ ରତ୍ନା ପଟ୍ଟନାୟକ, ସଂପାଦିକା ଅନୁସୁୟା ମହାନ୍ତିଙ୍କ ସମେତ ପଞ୍ଚାୟତର ବିପିଏମ, ନଥିପତ୍ର ରକ୍ଷକ, ସିଆରପି, ଏମବିକେ, ତଥା ମହିଳା ସଂଘର କର୍ମକର୍ତ୍ତା ଓ ସଭ୍ୟାମାନେ ଉପସ୍ଥିତ ଥିଲେ।

### ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

## ୧୧ଟି ଅଭିଯୋଗର ସମାଧାନ

**କଟକ,୨୧।୧(ସମିସ):** କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୬୧ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୪୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୪ଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୧୧ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, କମିସନରେଟ ପୁଲିସ ଅତିରିକ୍ତ ଉପ ଆୟୁକ୍ତ ଦେବଦତ୍ତ କର, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଅବକାରୀ ଅଧୀକ୍ଷକ, ଅଧୀକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିଲେ।



## ୬୦ରୁ ଅଧିକ ବିଜେଡି କର୍ମୀଙ୍କୁ ସମ୍ବର୍ଦ୍ଧନା



**କଟକ,୨୧।୧(ସମିସ):** କଟକ ମହାନଗର ନିଗମ ୱାର୍ଡ ନଂ-୬ର ପୂର୍ବତନ କର୍ପୋରେଟର ସଂଯୁକ୍ତା ସାହୁଙ୍କ ତତ୍ତ୍ୱାବଧାନରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେବଳ ବିଜୁ ଜନତା ଦଳର ୬୦ରୁ ଅଧିକ ସକ୍ରିୟ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇମାମପଡା ବସ୍ତି, କୃଷକ ବଜାର ବସ୍ତି, ମହାବୀର ବସ୍ତି, ହଇରାଣପୁର, ଦୋବନ୍ଧନଗର ଓ ସିଡିଏ ଅଞ୍ଚଳର କର୍ମୀ ଏଥିରେ ଯୋଗ ଦେଇଥିଲେ। ବିଜୁ ଜନତା ଦଳକୁ ଅଧିକ ସୁଦୃଢ଼ କରିବା ସହ ନିସହାୟ ଲୋକଙ୍କ ପାଇଁ କାର୍ଯ୍ୟ ଜାରି ରଖିବାକୁ ଏହି ଅବସରରେ ପରାମର୍ଶ ଦିଆଯାଇଥିଲା। ବିଜୁ ଜନତା ଦଳର କଟକ ଜିଲ୍ଲା ସାଧାରଣ ସମ୍ପାଦକ ଆଇନଜୀବୀ ଗଦାଧର ସାହୁ, ସିଡିଏ ମାରୱାଡି ସମାଜର ପରାମର୍ଶଦାତା ରମଣ ବାଗଡିଆ, ଯୁବ ବିଜେଡି ନଗର ସମ୍ପାଦକ ଚିତ୍ତରଞ୍ଜନ ସାହୁ, ଜଟେଶ୍ୱର ସେଠୀ, ନାରାୟଣ ସୂତାର, ସତ୍ୟନାରାୟଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ରେଭେନ୍ସା କଲିଜିଏଟ୍ ସ୍କୁଲ ୧୯୭୫ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ



**ସ୍ମରଣିକା ସ୍ୱର୍ଣ୍ଣିମ ସ୍ମୃତି ଉନ୍ମୋଚିତ**

**କଟକ,୨୧।୧(ସମିସ):** ରେଭେନ୍ସା କଲିଜିଏଟ ସ୍କୁଲ ୧୯୭୫ ମସିହା ବ୍ୟାଚ ଛାତ୍ରଛାତ୍ରୀ ସ୍କୁଲରୁ ପାସ କରିବା ପଚାଶ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ସ୍କୁଲ ପରିସରରେ ନେତାଜୀ ଅଡିଟୋରିୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ବେଳର ପ୍ରାର୍ଥନା ଗାୟନ, ସ୍ୱଚ୍ଛ ବିଦ୍ୟାଳୟ କାର୍ଯ୍ୟକ୍ରମ ପରେ କ୍ରିକେଟ, ଫୁଟବଲ ଖେଳ, ଅନ୍ୟାନ୍ୟ କ୍ରୀଡା ସହ ଅଭିନୟ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ସଭାରେ ପୂର୍ବତନ ଛାତ୍ର, ଓଡ଼ିଶାର ପୂର୍ବତନ ମୁଖ୍ୟ ମହାଡାକପାଳ ଡ. ସନ୍ତୋଷ କୁମାର କମିଲା ସ୍ୱାଗତ ଅଭିଭାଷଣ ଦେଇଥିଲେ। ସ୍କୁଲର ସହକାରୀ ପ୍ରଧାନଶିକ୍ଷକ ବିଶ୍ୱନାଥ ମିଶ୍ର ସ୍କୁଲର ୧୭୫ବର୍ଷ ପୂର୍ତ୍ତି ଉତ୍ସବରେ ସମସ୍ତେ ସହଯୋଗୀ ହେବା ପାଇଁ ପୁରୁଣା ଛାତ୍ରଛାତ୍ରୀଙ୍କୁ ନିବେଦନ କରିଥିଲେ। ପୁରାତନ ଛାତ୍ର ସଂଘ ସଭାପତି ଜଷ୍ଟିସ ଲକ୍ଷ୍ମୀକାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ବିଶେଷ ସ୍ମରଣିକା ସ୍ୱର୍ଣ୍ଣିମ ସ୍ମୃତି ପ୍ରକାଶିତ ହୋଇଥିଲା। ଶେଷରେ ତୁହିନା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ଛାତ୍ର ତଥା ଢେଙ୍କାନାଳ ଲୋକସଭା କ୍ଷେତ୍ରର ସାଂସଦ ରୁଦ୍ର ନାରାୟଣ ପାଣି, ପୂର୍ବତନ ପୁଲିସ ଅଧିକ୍ଷକ ଅଜୟ ପ୍ରତାପ ସ୍ୱାଇଁ, ନାଲକୋ ବରିଷ୍ଠ ଅଧିକାରୀ ସନ୍ତୋଷ ଆଚାର୍ଯ୍ୟ, ଏଲଆଇସି ଅଧିକାରୀ ପ୍ରଶାନ୍ତ ମହାପାତ୍ର, ବିଭୁ ପ୍ରସାଦ ମହାନ୍ତି, ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂଘ ସମ୍ପାଦକ ସଞ୍ଜୀବ ଜେନା, ଡା. ପ୍ରଦୀପ ରାଓ ଇତ୍ୟାଦି ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

## ସୁଧାଂଶୁ ଆଚାର୍ଯ୍ୟ ପାଇବେ ବନବିହାରୀ ମହାନ୍ତି ସ୍ମୃତି ସମ୍ମାନ



**କଟକ,୨୧।୧(ସମିସ):** ଚଳିତବର୍ଷର ମର୍ଯ୍ୟାଦାଜନକ ସାମ୍ବାଦିକ ବନବିହାରୀ ମହାନ୍ତି ସ୍ମୃତି ସମ୍ମାନ ପାଇବେ ଯୁବ ସାମ୍ବାଦିକ ସୁଧାଂଶୁ ଆଚାର୍ଯ୍ୟ। ବନବିହାରୀ ମହାନ୍ତି ଫାଉଣ୍ଡେସନ ଓ କଟକ ପ୍ରେସ୍‌କ୍ଲବ ପକ୍ଷରୁ ଏ ନେଇ ଆଜି ଘୋଷଣା କରାଯାଇଛି। ଶ୍ରୀ ଆଚାର୍ଯ୍ୟ ୧୪ବର୍ଷରୁ ଉର୍ଦ୍ଧ୍ୱକାଳ ରାଜ୍ୟର ବିଭିନ୍ନ ପ୍ରମୁଖ ଓଡ଼ିଆ ସମ୍ବାଦପତ୍ରରେ ସ୍ୱଚ୍ଛ, ନିରପେକ୍ଷ ତଥା ମୂଲ୍ୟଭିତ୍ତିକ ସମ୍ବାଦ ପରିବେଷଣ କରିଆସିଛନ୍ତି। ସାମ୍ବାଦିକତା ପ୍ରତି ବୃତ୍ତଗତ ନିଷ୍ଠା, ଅଙ୍ଗିକାରବଦ୍ଧତା ପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରିବା ଲାଗି ଫାଉଣ୍ଡେସନ୍‌ର ଚୟନ କମିଟି ପକ୍ଷରୁ ଆୟୋଜିତ ଏକ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ୨୪ ତାରିଖ ସନ୍ଧ୍ୟାରେ ଚୌଧୁରୀବଜାରସ୍ଥିତ ପ୍ରେସ୍‌କ୍ଲବର ସମ୍ମିଳନୀ କକ୍ଷରେ ପାଉଣ୍ଡେସନ୍ ଓ ପ୍ରେସ୍‌କ୍ଲବର ମିଳିତ ଆନୁକୂଲ୍ୟରେ ଏକ ଭବ୍ୟ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଶ୍ରୀ ଆଚାର୍ଯ୍ୟଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ୫ହଜାର ଟଙ୍କା, ମାନପତ୍ର, ଉପଢୌକନ ଓ ସ୍ମୃତିଫଳକ ପୂର୍ବକ ଏହି ସମ୍ମାନ ଦିଆଯିବ। ଉତ୍ସବରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନନୀୟ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ଇଂ.ସୋଫିଆ ଫିର୍ଦ୍ଦୋଷ, ମୁଖ୍ୟବକ୍ତା ଭାବେ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ଯୋଗଦେବେ ବୋଲି ଫାଉଣ୍ଡେସନ୍‌ର ମ୍ୟାନେଜିଂ ଟ୍ରଷ୍ଟି ଲକି ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି, ଟ୍ରଷ୍ଟି ତଥା ସାମ୍ବାଦିକ ଆଲୋକ ନାୟକ, ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁ ଜଣାଇଛନ୍ତି।

## ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ଚିତ୍ରଶିଳ୍ପୀ ଶିବିର



**କଟକ,୨୧।୧(ସମିସ):** ନେତାଜୀ ଜୟନ୍ତୀ ଅବସରରେ ଓଡ଼ିଶା ଲଳିତକଳା ଏକାଡେମୀ (ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ) ତରଫରୁ ଆଜି ଏକ ରାଜ୍ୟସ୍ତରୀୟ ଚିତ୍ରଶିଳ୍ପୀ ଶିବିର କଟକସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ପରିସରରେ ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ବରିଷ୍ଠ ଚିତ୍ରଶିଳ୍ପୀ ଧର୍ମପଦ ପୁରସ୍କାରପ୍ରାପ୍ତ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଏକାଡେମୀର ପ୍ରାକ୍ତନ ସଚିବ ରବିନାରାୟଣ ରଥ, ବରିଷ୍ଠ ଚିତ୍ରଶିଳ୍ପୀ ଗୌରାଙ୍ଗ ବାରିକ ଏବଂ କଟକ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ସଂସ୍କୃତି ବିଭାଗ ଉପ-ନିର୍ଦ୍ଦେଶକ ଦେବାନନ୍ଦ ବରିହା ତଥା ସଚିବ ଓଡ଼ିଶା ଲଳିତକଳା ଏକାଡେମୀ ପ୍ରାରମ୍ଭରେ ଶିବିର ଆୟୋଜନ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଏହି ଶିବିରରେ ରାଜ୍ୟର ଖ୍ୟାତନାମା ୨୦ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଛନ୍ତି ଓ ସେମାନେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ସଂଗ୍ରାମମୟ ଜୀବନ ଆଦର୍ଶ ଉପରେ ଦୁଇଦିନ (୨୧ ଓ ୨୨ରିଖ) ଚିତ୍ର ଅଙ୍କନ କରିବେ। ନେତାଜୀଙ୍କର ଜନ୍ମଦିବସରେ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ଚିତ୍ରର ଏକ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଅଂଶଗ୍ରହଣ କରିଥିବା ଚିତ୍ରଶିଳ୍ପୀମାନେ ହେଲେ ଶଶିକାନ୍ତ ରାଉତ, ବିଜୟ ସାହୁ, ଜୟନ୍ତ ନାୟକ, ରାଜେଶ ନାୟକ, ରଘୁନାଥ ସାହୁ, ସୁରଥ ଚୌଧୁରୀ, ସୀମାଞ୍ଚଳ ମଲ୍ଲିକ, ସୁଶାନ୍ତ ସିଂ ସାମନ୍ତ, କାଞ୍ଚିପ୍ରସାଦ ମଲ୍ଲିକ, ଶ୍ରବଣ ସାମଲ, ଜିତେନ୍ଦ୍ର ଭଞ୍ଜ, ମୃତ୍ୟୁଞ୍ଜୟ ବାରିକ, ଶ୍ରୀହର୍ଷ ଶୁକ୍ଳା, ବିଶ୍ୱଜିତ ଗିରି, ଜ୍ଞାନରଞ୍ଜନ ଜେନା, ପ୍ରଦୀପ ମିଶ୍ର, ସଂଯୁକ୍ତାରାଣୀ ଦାସ, ସୋମନାଥ ଦାସ, ସ୍ମିତପ୍ରଜ୍ଞା ବେହେରା ଓ ଶୁଭଶ୍ରୀ କାନୁନଗୋ। ଲଳିତକଳା ଏକାଡେମୀ ପକ୍ଷରୁ ପ୍ରସନ୍ନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନରେ ୧୩୬୭ ପଞ୍ଜିକୃତ



**ନିଶ୍ଚିନ୍ତକୋଇଲି,୨୧।୧ (ସମିସ):** ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ଓ ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଆନୁକୂଲ୍ୟରେ ପଞ୍ଚାୟତ ପ୍ରହଲ୍ଲାଦ କଲେଜ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଉଦଘାଟନ କରିଥିଲେ। ବିଡିଓ ଦ୍ୱିବେନ୍ଦୁ କୁମାର ଦାସଙ୍କ ପୌରହିତ୍ୟରେ ଏଥିରେ ବ୍ଲକ ଅଧ୍ୟକ୍ଷା ରୋଜୀ ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଶାନ୍ତ ହୋତା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଅମିତ ଜେନା, ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ବ୍ଲକ ବିତ୍ତ ଅଧିକାରୀ ସୌମ୍ୟନନ୍ଦନ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ୍ ୧୩୬୭ ଦିବ୍ୟାଙ୍ଗ ବିଭିନ୍ନ ବିଭାଗରେ ସେମାନଙ୍କର ନାମ ପଞ୍ଜିକୃତ କରିଛନ୍ତି। ଶାରୀରିକ ବିକଳାଙ୍ଗ ବିଭାଗରେ ୫୬୭ ଜଣ, ମୁକ ଓ ବଧିର ବିଭାଗରେ ୧୯୫ ଜଣ, ମାନସିକ ଅନଗ୍ରସରରେ ୨୪୩ ଜଣ, ସ୍ନାୟୁଜନିତ ୧୩୬ ଜଣ, ଦୃଷ୍ଟିହୀନ ୧୬୫ ଜଣଙ୍କୁ ୧୦ଜଣ ବିଭିନ୍ନ ବିଭାଗର ଡାକ୍ତରମାନେ ପରୀକ୍ଷା ନିରୀକ୍ଷା କରି ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରିଛନ୍ତି। ଏହାଛଡ଼ା ବସ ପାସ ପାଇଁ ୩୬ ଜଣ, ଡିଆରଆଇ ଋଣ ପାଇଁ ୨୪ ଜଣ, ଦକ୍ଷତା ବିକାଶ ପାଇଁ ୨ଜଣ ଦିବ୍ୟାଙ୍ଗ ନାମ ପଞ୍ଜିକୃତ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ପାତ୍ରଙ୍କ ସଂଯୋଜନାରେ ବ୍ଲକର ସମସ୍ତ କର୍ମଚାରୀ ଏହି ଶିବିର ପରିଚାଳନା ପାଇଁ ଦାୟିତ୍ୱ ନେଇଥିଲେ।

